## ସଂକ୍ଷେପରେ

### ଅଣଗେଜେଟେଡ କର୍ମଚାରୀ ସଂଘ ସମ୍ମିଳନୀ



**ବ୍ରହ୍ମପୁର ଅଫିସ୍,୨୧।୧:** ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲା ଶାଖାର ନବମ ଦ୍ୱିବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏନ୍‌ଜିଓ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ଅଧ୍ୟକ୍ଷା ଲତିକା ପ୍ରଧାନ, ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ସମନ୍ୱୟ ସମିତି ରାଜ୍ୟ ସଭାପତି ଜ୍ୟୋତିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ବ୍ରଜକିଶୋର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅଣଗେଜେଟେଡ୍ କର୍ମଚାରୀମାନେ ପ୍ରମୁଖ ଭୂମିକା ନେଇଥାନ୍ତି। ହେଲେ ସେମାନଙ୍କ ଦାବିଗୁଡ଼ିକ ପୂରଣ ହେଉ ନ ଥିବା ଯୋଗୁ କର୍ମଚାରୀମାନେ ଏହି ଅବସରରେ ଅସନ୍ତୋଷ ପ୍ରକାଶ କରିଥିଲେ ।

### କଲଭର୍ଟକୁ ଧକ୍କା ଦେଲା ବାଇକ୍: ଜଣେ ମୃତ, ଜଣେ ଗୁରୁତର

**କାଶୀନଗର, ୨୧।୧(ଡି.ଏନ୍.ଏ.):** ଗଜପତି ଜିଲା କାଶୀନଗର ବ୍ଲକ ଅଧୀନ କିଡିଗାଁ- ସିରିଡା ରାସ୍ତାର ଏକ କଲଭର୍ଟକୁ ସୋମବାର ଏକ ବାଇକ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କିଡିଗାଁ ଗ୍ରାମର ପି.ରମେଶ(୨୨)। ପ୍ରଚୁର ପରିମାଣର ସଲପ ତାଡ଼ି ପିଇ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, କିଡିଗାଁ ଗ୍ରାମର ଦୁଇ ଯୁବକ ବି.ବାଙ୍ଗେରେୟା(୨୦) ଏବଂ ପି. ରମେଶ ସକାଳେ ଏକ ବାଇକ୍ (ଏପି ୩୦-୧୭୬୧) ଯୋଗେ ନିକଟସ୍ଥ ସିରିଡା ଗ୍ରାମକୁ କୌଣସି କାମରେ ଯାଇଥିଲେ। ସେଠାରୁ ଫେରିବା ବେଳେ ଭାରସାମ୍ୟ ହରାଇ ଏକ କଲଭର୍ଟକୁ ଧକ୍କା ଦେଇଥିଲେ। ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଆମ୍ବୁଲାନ୍ସ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ବେଳେ ବାଟରେ ରମେଶଙ୍କ ମୃତ୍ୟୁ ହୋଇଯାଇଥିଲା। ବାଙ୍ଗେରେୟାଙ୍କୁ ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରମେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ କେସ୍ ନଂ. ୩/୧୯ ରୁଜୁ ହୋଇଥିବାବେଳେ ସେକେଣ୍ଡ ଅଫିସର ରଣଜିତ କୁମାର ମୁନି ତଦନ୍ତ କରୁଛନ୍ତି।

# ଏଲ୍‌ଇଡି ଲାଇଟରେ ଚମକିବ ଆର୍‌ଓବି

■ପ୍ରଥମ ପର୍ଯ୍ୟାୟରେ ୪ ଆରଓବି ପାଇଁ ଟେଣ୍ଡର ପ୍ରକ୍ରିୟା
■ଖର୍ଚ୍ଚ ହେବ ପ୍ରାୟ ୧କୋଟି

**ବ୍ରହ୍ମପୁର ଅଫିସ,୨୧।୧**

ବ୍ରହ୍ମପୁରର ସୌନ୍ଦର୍ଯ୍ୟକରଣ ପାଇଁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ସହରର ସୌନ୍ଦର୍ଯ୍ୟ ତଥା ବିଦ୍ୟୁତ୍ ଶୁଳ୍କ ହ୍ରାସ ପାଇଁ ୨୦୧୭ ନଭେମ୍ବର ୨୮ରୁ ସହରର ବିଦ୍ୟୁତ୍ ଖୁଣ୍ଟରେ ଏଲଇଡି ଲାଇଟ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଥିଲା । ବର୍ଷକ ମଧ୍ୟରେ ସହରର ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଣା ଷ୍ଟ୍ରିଟ ଲାଇଟକୁ ବଦଳାଇ ଏଲଇଡି ଲାଇଟ ଲଗାଯାଇଥିବା ବେଳେ ଏବେ ସହର ମଧ୍ୟରେ ଥିବା ରେଲୱେ ଓଭରବ୍ରିଜ(ଆରଓବି)ର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଆରଓବିଗୁଡିକର କାନ୍ଥଗୁଡିକରେ ୱାଲ ପେଣ୍ଟିଂ କରାଯାଇଥିବା ବେଳେ ଏବେ ଏହାକୁ ଏଲଇଡି ଲାଇଟଦ୍ୱାରା ଡେକୋରେଟ କରିବାକୁ ଯୋଜନା ହୋଇଛି । ଦୁଇରୁ ତିନିମାସ ମଧ୍ୟରେ ସହରରେ ଥିବା ଆରଓବିର ଷ୍ଟ୍ରିଟଲାଇଟ ଖୁଣ୍ଟ ଓ କାନ୍ଥରେ ବିଭିନ୍ନ ରଙ୍ଗର ଡେକୋରେଟିଭ ଲାଇଟ ଲଗାଯିବାକୁ ଯୋଜନା ହୋଇଥିବା ସୂଚନା ମିଳିଛି ।

ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ସହରର ସୌନ୍ଦର୍ଯ୍ୟକରଣ ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନେଇ ଏନଏଚକୁ ସଂଯୋଗ କରିଥିବା ତଥା ସହର ମଧ୍ୟରେ ଥିବା ୪ ଆରଓବିକୁ ଏଲଇଡି ଲାଇଟ ଦ୍ୱାରା ଡେକୋରେଟିଭ କରାଯିବ । ଗୋଷାଣୀନୂଆଗାଁ ଗୁଡସଶେଡରୋଡ, ଗୋପାଳପୁର ଜଙ୍କସନ, ହଳଦିଆପଦର, କମାପଲ୍ଲୀ ଆରଓବିକୁ ଡେକୋରେଟିଭ କରାଯିବାକୁ ଯୋଜନା ହୋଇଛି । ସମସ୍ତ ୪ ଆରଓବିରେ ଲାଗିଥିବା ଷ୍ଟ୍ରିଟଲାଇଟର ଖୁଣ୍ଟଗୁଡିକୁ ଡେକୋରେଟିଭ ଏଲଇଡି ରୋଲିଂ ଲାଇଟ ଦ୍ୱାରା ସଜାଡିବାକୁ ଥିବା ବେଳେ ଆରଓବିର ବାହାର ଓ ଭିତର ପାର୍ଶ୍ୱ କାନ୍ଥରେ ବିଭିନ୍ନ ରଙ୍ଗର ଏଲଇଡି ସ୍ୱଟ ଲାଇଟ ଲଗାଯିବାକୁ ଯୋଜନା ହୋଇଛି । ଏଥିରେ ପ୍ରାୟ ୧ କୋଟି ଟଙ୍କାର ବ୍ୟୟ ହେବାକୁ ଅଟକଳ କରାଯାଇଛି । ତେବେ ଏନେଇ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ଆସନ୍ତା ୩ ମାସ ମଧ୍ୟରେ ସମସ୍ତ ଆରଓବିରେ ଲାଇଟିଂ ବ୍ୟବସ୍ଥା କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଏମସି ସହକାରୀ ନିର୍ବାହୀଯନ୍ତ୍ରୀ ସୁକାନ୍ତ ସାବତ କହିଛନ୍ତି ।



ଗୋପାଳପୁର ଜଙ୍କସନ ଆରଓବି ।

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ଶଙ୍କରାଖୋଲ,୨୧।୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଟିକାବାଲି ଥାନା ଶଙ୍କରାଖୋଲ ନିକଟ ଗୁଡ୍ରିଗାଁରେ ସୋମବାର ପାରିବାରିକ କଳହକୁ କେନ୍ଦ୍ର କରି ଘଟିଛି ଏକ ଅଭାବନୀୟ ଘଟଣା। ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିବା ପରେ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଅରୁଣ କୁମାର ସାହୁ(୫୦)। ଟିକାବାଲି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ନେଇ ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପୂର୍ବରୁ ଅରୁଣ କୌଣସି କାରଣକୁ ନେଇ ତାଙ୍କ ସ୍ତ୍ରୀ ସଚଳାଙ୍କ ସହ ଗଣ୍ଡଗୋଳ କରି ମାରଧର କରୁଥିଲେ। ୩ ମାସ ତଳେ ମଧ ସ୍ତ୍ରୀଙ୍କୁ ପିଟିବାରୁ ସେ ବାପ ଘର କେରିଡି ଗ୍ରାମକୁ ଚାଲିଯାଇଥିଲେ। ପରେ କେତେକ ଭଦ୍ରବ୍ୟକ୍ତି ଉଭୟଙ୍କୁ ବୁଝେଇଶୁଝେଇ କରିବାରୁ ଗତ ଗୁରୁବାର ଅରୁଣ ସଚଳାଙ୍କୁ ଘରକୁ ଆଣିଥିଲେ। ରବିବାର ରାତିରେ ପୁଣି ଅରୁଣ ଓ ସଚଳାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଅରୁଣ ରାଗିଯାଇ ଟାଙ୍ଗିଆରେ ସ୍ତ୍ରୀଙ୍କ ପଛପଟୁ ମୁଣ୍ଡକୁ ଆକ୍ରମଣ କରିଥିଲେ। ସ୍ତ୍ରୀ ଅଚେତ ହୋଇ ପଡ଼ିବା ପରେ ତାଙ୍କୁ ମୃତ ଭାବି ଲୁଗାରେ ଘୋଡ଼ାଇ ରଖିଦେଲା ପରେ ଘର ଭିତରେ ଧୋତି ବାନ୍ଧି ଆତ୍ମହତ୍ୟା କରିଥିଲେ। ସଚଳାଙ୍କର ଚେତା ଆସିବା ପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଗୁରୁତର ଅବସ୍ଥାରେ ସଚଳାଙ୍କୁ ଗୁମାଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ମଦ ବିକ୍ରି ବନ୍ଦ ଦାବିରେ ଧାରଣା




ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୧।୧**

ଓଡ଼ିଶାରେ ମଦ ଉପରେ କଟକଣା ଜାରି କରିବା ଏବଂ ନିଶା ନିବାରଣ ଆଇନ୍-୧୯୫୬କୁ କାର୍ଯ୍ୟକାରୀ କରିବା ଦାବିରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା) ତରଫରୁ ପୁଣିଥରେ ଆନ୍ଦୋଳନ ଡାକରା ଦିଆଯାଇଛି। ସଂଗଠନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ସୋମବାର ବ୍ରହ୍ମପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆସନ୍ତା ୩୦ତାରିଖ ତଥା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି । ବ୍ରହ୍ମପୁର ସହରର ବହୁ ସଂଗଠନ ଏହି ଧାରଣାରେ ସାମିଲ ହୋଇଛନ୍ତି ।

ସଂଗଠନ ତରଫରୁ କୁହାଯାଇଛି, ଅକ୍ଟୋବର ୨ ତାରିଖରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛନ୍ତି । ଗାନ୍ଧୀ କେବଳ ଇଂରେଜମାନଙ୍କ ବିରୋଧରେ ଭାରତ ଛାଡ଼ ଡାକରା ଦେଇ ନ ଥିଲେ, ବରଂ ନିଶାମୁକ୍ତ ଦେଶର ସ୍ୱପ୍ନ ଦେଖିଥିଲେ । ସମ୍ପ୍ରତି ରାଜସ୍ୱ ବୃଦ୍ଧି ପାଇଁ ମଦ ବିକ୍ରିକୁ ସରକାରୀ ପ୍ରୋତ୍ସାହନ ଦିଆଯାଉଛି। ଫଳରେ ବହୁ ଲୋକ ପ୍ରତି ବର୍ଷ ମଦ୍ୟପାନ କରି ମୃତ୍ୟୁମୁଖରେ ପଡୁଛନ୍ତି । ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ବେଳେ ଅହିଂସା କଥା କୁହାଯାଉଛି । ଅଥଚ ଅହିଂସାର ମୂଳରେ ରହିଥିବା ନିଶାକୁ ବନ୍ଦ କରିବା ପାଇଁ ସ୍ୱର ଉଠୁନି । ଓଡ଼ିଶାରେ ୧୯୫୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନିଶା ନିବାରଣ ଆଇନ୍ ଆଣିଥିଲେ। ହେଲେ ଏହା ବର୍ତ୍ତମାନ ଯାଏ କାର୍ଯ୍ୟକାରୀ କରାଯାଇନି । ବିଭିନ୍ନ ସଂଗଠନ ବାରମ୍ବାର ଏନେଇ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏଣୁ ଆଗାମୀ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ମଦକୁ ବନ୍ଦ କରାଯାଉ ବୋଲି ଦାବି କରାଯାଇଛି। ସଂଗଠନ ଜିଲା ସଭାପତି ରାଧାଚରଣ ନାୟକ, ସମ୍ପାଦକ ଗୁପ୍ତେଶ୍ୱର ଷଡ଼ଙ୍ଗୀ, ଶିବ ପ୍ରସାଦ ମିଶ୍ର, ସବିତା ସାହୁକାର, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଶାନ୍ତ କୁମାର ମହାରଣା ଓ ବନମାଳୀ ବିଶ୍ୱାଳଙ୍କ ସମେତ ବିଭିନ୍ନ ସଂଗଠନ ଯଥା ଯୁଗଶକ୍ତି ଗାୟତ୍ରୀ ପରିବାର, ପତଞ୍ଜଳି, ଲାୟନ୍ସ କ୍ଲବ, ୱାକର୍ସ କ୍ଲବ, ଲାଫିଙ୍ଗ କ୍ଲବ, ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ, ଗଞ୍ଜାମ ଜିଲା ବିକାଶ ମଞ୍ଚ, ମାନବାଧିକାର ସୁରକ୍ଷା ମଞ୍ଚ, କଳିଙ୍ଗ ଗଣ ପରିଷଦ, ସମାଜ ଆନ୍ଦୋଳନ ଭଳି ଅନେକ ସଂଗଠନର କର୍ମକର୍ତ୍ତା ସାମିଲ୍ ହୋଇଥିଲେ ।

## ସେବା ନିବୃତ୍ତ କର୍ମଚାରୀ ମଞ୍ଚ ନିଷ୍ପତ୍ତି
## ବିଧାନସଭା ଆଗରେ ବିକ୍ଷୋଭ ୫ରେ

**ବ୍ରହ୍ମପୁର ଅଫିସ,୨୧।୧**

ରାଜ୍ୟ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କ ସର୍ବନିମ୍ନ ପେନସନ ୯ ହଜାର ଟଙ୍କା ଧାର୍ଯ୍ୟ କରିବା ଏବଂ କେନ୍ଦ୍ର ସରକାରଙ୍କ ଭଳି ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା ଯୋଗାଇବାକୁ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଏବଂ ଶିକ୍ଷକ ବିକାଶ ମଞ୍ଚ ଦାବି କରିଛି । ଦେଶର ୨୩ ରାଜ୍ୟ ସରକାର ଚିକିତ୍ସା ଭତ୍ତା ପ୍ରଚଳନ କରିଥିବାରୁ ଓଡ଼ିଶା ସରକାର ମଧ କାର୍ଯ୍ୟ କରିବାକୁ ମଞ୍ଚ ଗୁରୁତ୍ୱ ଦେଇଛି। ଅପରପକ୍ଷେ ୨୦୦୬ ଜାନୁୟାରୀ ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କୁ କେନ୍ଦ୍ର ଟ୍ରିବ୍ୟୁନାଲ ନିର୍ଦ୍ଦେଶ ପ୍ରକାରେ ପେନସନ ଧାର୍ଯ୍ୟ ନ କରିବା ଏବଂ ପଞ୍ଚମ, ଷଷ୍ଠ ଓ ସପ୍ତମ ବେତନ କମିଶନ ସୁପାରିସ ପ୍ରକାରେ ପେନସନ ମିଳୁ ନ ଥିବାରୁ ସାଢ଼େ ୨ ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହାର ତ୍ୱରିତ ସମାଧାନ ଓ ଅନ୍ୟ ଦାବି ପୂରଣ ଲାଗି ବହୁବର୍ଷ ହେବ ହୋଇଥିବା ଦାବି ପ୍ରତି ଆଖି ବୁଜି ଦିଆଯାଇଥିବା ମଞ୍ଚ ଅଭିଯୋଗ କରିଛି।

ଦାବି ପୂରଣ ପାଇଁ ରାଜ୍ୟର ଲକ୍ଷାଧିକ ଅବସରପ୍ରାପ୍ତ କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି। ଆସନ୍ତା ଫେବୃୟାରୀ ୪ ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ଏହାର ପ୍ରତିବାଦରେ ୫ ତାରିଖରେ ଭୁବନେଶ୍ୱରରେ ବିଶାଳ ଶୋଭାଯାତ୍ରା ସହ ବିଧାନସଭା ଆଗରେ ବିକ୍ଷୋଭ ଓ ଗଣଧାରଣା ଦିଆଯିବାକୁ ମଞ୍ଚ ଚେତାବନୀ ଦେଇଛି ।

# ଜୟବର୍ଦ୍ଧନ ଦାଶ ସ୍ମାରକୀ ବ୍ୟାଡ୍‌ମିଣ୍ଟନ୍ ଟୁର୍ନାମେଣ୍ଟ ୨୬ରେ



ଟୁର୍ନାମେଣ୍ଟର ଜର୍ସିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୨୧।୧**

ଆସନ୍ତା ୨୬ତାରିଖ ତଥା ସାଧାରଣତନ୍ତ୍ର ଦିବସ ଅବସରରେ ବ୍ରହ୍ମପୁର ପ୍ରେସ୍ କ୍ଲବ ତରଫରୁ ଜୟବର୍ଦ୍ଧନ ଦାଶ ସ୍ମାରକୀ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ବ୍ରହ୍ମପୁର ତଥା ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳର ଖବରଦାତାମାନେ ଭାଗନେବେ । ପ୍ରେସ୍ କ୍ଲବର ପୂର୍ବତନ ସଭାପତି ତଥା ବରିଷ୍ଠ ଖବରଦାତା ସ୍ୱର୍ଗତ ଜୟବର୍ଦ୍ଧନ ଦାଶଙ୍କ ସ୍ମୃତିରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଲୋଗୋ ଏବଂ ଜର୍ସିକୁ ସୋମବାର ଉନ୍ମୋଚନ କରାଯାଇଥିଲା । ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ଖବରଦାତା ଜଗନମୋହନ ମହାପାତ୍ର, ଶିବ ଦାଶ, ଅଶୋକ ବ୍ରହ୍ମା, ସୁଦୀପ ସାହୁ ଓ ଶିବରାମ ଚୌଧୁରୀ ପ୍ରମୁଖ ଉନ୍ମୋଚନ କରିଥିଲେ । ଟୁର୍ନାମେଣ୍ଟରେ ଏକକ ଏବଂ ଯୁଗଳ ଇଭେଣ୍ଟରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ଖଲ୍ଲିକୋଟ କଲେଜ ଇନ୍‌ଡୋର୍ ହଲ୍‌ରେ ଲଗାତର ଦ୍ୱିତୀୟ ବର୍ଷ ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି । ବିଜୟୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ । ଏଥିସହ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଦିଆଯିବ। ଉନ୍ମୋଚନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଲକ୍ଷ୍ମୀ ବେଜ୍, ପ୍ରଶାନ୍ତ କୁମାର ଦାଶ, ସଚିନ ବେହେରା, ସଞ୍ଜୟ ପଣ୍ଡା, ଫିନୋଜ୍ ପ୍ରଧାନ, ସୁବ୍ରମଣ୍ୟମ୍ ସ୍ୱାମୀ, ଗୋପାଳକୃଷ୍ଣ ରେଡ୍ଡୀ, ଜ୍ଞାନେନ୍ଦ୍ର ନାରାୟଣ ରଥ, କୈଳାସ ବେହେରା, ବାବୁଲା ପାଣିଗ୍ରାହୀ, ଅମର ଦାସ, ସୀମାଞ୍ଚଳ ସାହୁ, ରବୀନ୍ଦ୍ର ବେହେରା, ସମୀର ଆଚାର୍ଯ୍ୟ, ପ୍ରସନ୍ନ ସାହୁ, ପ୍ରହଲ୍ଲାଦ ସାହୁ, ମାନସ ବିଶୋୟୀ, ବିକ୍ରମ ଜେନା, ରମେଶ ରାଜନା, ଦିନେଶ ପଟ୍ଟନାୟକ, ବିଶ୍ୱନାଥ ମହାରଣାଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ । ଶେଷରେ ଦେବହରି ବେହେରା ଧନ୍ୟବାଦ ଦେଇଥିଲେ ।

# ରେଲୱେ ଚାଇଲ୍ଡ ଲାଇନର ଶିଶୁ ସୁରକ୍ଷା ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୨୧।୧**

ରେଲୱେ ଚାଇଲ୍ଡ ଲାଇନ ପକ୍ଷରୁ ଗୁଡସରୋଡ ସୋମନାଥ ନଗର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଞ୍ଚଳରେ ଅଧାରୁ ପାଠ ଛାଡିଥିବା ଶିଶୁଙ୍କୁ ନେଇ ଗଠିତ ଝାନ୍‌ସି ରାଣୀ ଶିଶୁ ସଂଘର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଜିଆରପି ଥାନାର ଏଏସ୍‌ଆଇ ଆରତୀ ପୋଡେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ସୁଧୀର ସାବତ, ୨୭ ନଂ. ୱାର୍ଡର ପୂର୍ବତନ କର୍ପୋରେଟର ପାର୍ବତୀ ପ୍ରଧାନ,ଚାଇଲ୍ଡ ଲାଇନ ସଂଯୋଜକ ବି ବୈରାଗୀ ପାତ୍ର, ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରଭୁପ୍ରସାଦ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁମାନେ କିପରି ନିଜକୁ ନିରାପଦ୍ଦା ରଖିପାରିବେ ସେ ନେଇ ମୁଖ୍ୟଅତିଥି ଆଲୋକପାତ କରିଥିଲେ । ଶିଶୁମାନଙ୍କ ଅଧିକାର ସମ୍ପର୍କରେ ନିର୍ଦ୍ଦେଶକ ସୁଧୀର ସାବତ ସଚେତନ କରାଇଥିଲେ । ମୁରଲୀଧର ସାମନ୍ତରାୟଙ୍କ ସମେତ ଗୋପାଳକୃଷ୍ଣ ଦଳ ବେହେରା, ଅନୀଲ ସେଠୀ, ଅନସୂୟା ଜେନା, ଶ୍ୟାମସୁନ୍ଦର ମହାପାତ୍ର, ପ୍ରତିମା ନାହକ ଓ ସୁମିତ୍ରା ସାହୁ ପ୍ରମୁଖ ଚାଇଲ୍ଡ ଲାଇନ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରଚାଳନାରେ ସହଯୋଗ କରିଥିଲେ ।

# ଗ୍ରାମତୀର୍ଥ ପରିକ୍ରମା ଅଭିଯାନ ଆରମ୍ଭ

**ବ୍ରହ୍ମପୁର ଅଫିସ୍,୨୧।୧**

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବ୍ରହ୍ମପୁର ମହାନଗର ସମନ୍ୱୟ ସମିତି ଆନୁକୂଲ୍ୟରେ ଗ୍ରାମତୀର୍ଥ ପରିକ୍ରମା ଅଭିଯାନ ରବିବାର ଆରମ୍ଭ ହୋଇଛି। ନିଶା ନିବାରଣ ଅଭିଯାନ ସନ୍ଦେଶ ଦେବା ପାଇଁ ଏହି ଅଭିଯାନ ଗ୍ରାମ ପରିକ୍ରମା କରିବ। ବ୍ରହ୍ମପୁରରୁ ଅଭିଯାତ୍ରୀମାନେ ବାହାରି ବୁଦ୍ଧଖୋଲ ଶୈବପୀଠରେ ପହଞ୍ଚି ଗାୟତ୍ରୀ ମହାଯଜ୍ଞ ଏବଂ ବୃକ୍ଷ ରୋପଣ କରିଥିଲେ । ଜିଲାର ସମସ୍ତ ଗ୍ରାମରେ ପହଞ୍ଚି ସଚେତନତା ସଭା କରାଯିବ ଆସନ୍ତା ଶିବରାତ୍ରିରେ ବ୍ରହ୍ମପୁର ନିଳାଦ୍ରିବିହାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଏହି ଅଭିଯାନ ସରିବ। ଏଥିରେ ହିଞ୍ଜିଳିକାଟୁ, ବୁଗୁଡ଼ା, ପୋଲସରା, ପୁରୁଷୋତ୍ତମପୁର ଓ ଆସିକା ଆଦି ବ୍ଲକ ଗାୟତ୍ରୀ ପରିବାରର ସଦସ୍ୟା ସଦସ୍ୟମାନେ ସାମିଲ ହୋଇଛନ୍ତି ।

# ଦୁଇଦିନିଆ ବାର୍ଷିକ ପ୍ରଦର୍ଶନୀ ପ୍ରୟାସ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ୍, ୨୧।୧**

ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏକାଡେମିକ୍ ସୋସାଇଟି ପକ୍ଷରୁ ଅଡିଟୋରିୟମ୍ ହଲ୍‌ରେ ସୋମବାର ଦୁଇଦିନିଆ ବାର୍ଷିକ ପ୍ରଦର୍ଶନୀ ''ପ୍ରୟାସ'' ଉଦ୍‌ଘାଟିତ ହୋଇଯାଇଛି । ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ରାଧାମାଧବ ତ୍ରିପାଠୀ, ଏକାଡେମିକ୍ ସୋସାଇଟି ଉପାଧ୍ୟକ୍ଷ ଡାକ୍ତର ସତ୍ୟଦର୍ଶୀ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏମ୍‌ବିବିଏସ ଛାତ୍ରୀଛାତ୍ରମାନେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ, ଶିରୀ ଧମନୀ ରକ୍ତ ସଞ୍ଚାଳନ, ବାୟୋ ମେଡିକାଲ୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ, ପ୍ରସବ କାଳୀନ ଚିକିତ୍ସା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ । ସମୁଦାୟ ୩୦ ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡାକ୍ତର ଦୀପ୍ତିମୟୀ ତ୍ରିପାଠୀ, ଡା. ଶିବ ପ୍ରସାଦ ପଟ୍ଟନାୟକ, ଡା.ବିଶ୍ୱଜିତ୍ ମିଶ୍ର, ଡାକ୍ତର ସୁନୀଲ ଅଗ୍ରୱାଲା, ଡାକ୍ତର ଅନୁଭା ମିଶ୍ର, ଡା.ରାଜଲକ୍ଷ୍ମୀ ପଣ୍ଡା, ଡା. ଏମ୍.ଭି.ନରସିଂହମ୍ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ । ମଙ୍ଗଳବାର ଉଦ୍‌ଯାପନ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସୁବ୍ରତ କୁମାର ଧଳ, ସ୍ମୃତି ରଞ୍ଜନ ଓଝା, ମୋହିତ୍ କୁମାର ମିତ୍ର, ଶୁଭ୍ରଜିତ୍ ପଣ୍ଡା, ସମିଧା ଦାଶ, ସୁଚିସ୍ମିତା ପଣ୍ଡା ଓ ସଙ୍ଗୀତା ପ୍ରଧାନ ପ୍ରମୁଖ ଛାତ୍ରୀ ଛାତ୍ର ପରିଚାଳନା କରୁଛନ୍ତି।



ବାର୍ଷିକ ପ୍ରଦର୍ଶନୀ ''ପ୍ରୟାସ''ଏମବିବିଏସ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

■ ଜିଲା ବିଜେଡି ସଭାପତିଙ୍କ ସୂଚନା

# ଚାଷୀଙ୍କୁ କାଳିଆ ଯୋଜନାର ବାର୍ତ୍ତା ଦେବେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର ଅଫିସ,୨୧।୧**

ଗଞ୍ଜାମ ଜିଲାସ୍ତରୀୟ କୃଷକ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷାଧିକ ଚାଷୀ ଓ ଭାଗଚାଷୀଙ୍କୁ ନୂଆ ଯୋଜନା 'କାଳିଆ'ର ବାର୍ତ୍ତା ଦେବେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ପାର୍ଶ୍ୱରେ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କୃଷକ ମହାସମାବେଶରେ ପ୍ରାୟ ୪୭ ହଜାର ଚାଷୀ ଓ ଭାଗଚାଷୀଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ କୃଷି ଉପକରଣ ନବୀନ ବଣ୍ଟନ କରିବେ । ଏହି ସମାବେଶ ସମ୍ପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ଶୃଙ୍ଖଳିତ କରିବା ନିମନ୍ତେ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ କେବଳ ସ୍ୱେଚ୍ଛାସେବୀ ଭଳି ସହଯୋଗ କରିବେ। ସମବେତ ଚାଷୀଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ କର୍ମୀମାନେ ନିୟୋଜିତ ହେବେ ।

ବ୍ରହ୍ମପୁର ଜିଲା ବିଜେଡି କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହି ଏହି ସୂଚନା ଦେଇଛନ୍ତି । ସମାବେଶକୁ ସଫଳ କରିବା ଲାଗି ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ସେ ଦର୍ଶାଇଥିଲେ। ସଭାପତି ଆହୁରି କହିଥିଲେ, କାଳିଆ ଯୋଜନା ରାଜ୍ୟ ସରକାରଙ୍କ ମଡେଲ ହୋଇଛି । ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପାଣିଗ୍ରାହୀ ସୂଚାଇଥିଲେ । ବିଜେଡିର ଏହି ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ସୁବାସ ଚନ୍ଦ୍ର ବେହେରା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିକ୍ରମ ପଣ୍ଡା, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମହିଳା ବିଜେଡି ନେତ୍ରୀ ସଂଘମିତ୍ରା ଦଳାଇ, ମମତା ବିଶୋୟୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ଗନ୍ତାୟତ, ଦୁର୍ଗା ପ୍ରସାଦ ପଣ୍ଡା, ଯୁବ ବିଜେଡି ଜିଲା ସଭାପତି ଏନ. ଧନଞ୍ଜୟ ରାଓ ଏବଂ ତାଙ୍କ ଟିମ ଓ ରାଜ୍ୟ ଯୁବ ବିଜେଡି ସହ ଉପଦେଷ୍ଟା କୈଳାସ ରଣା ଓ ଜିଲା ସଂଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।



ବିଜେଡିର ଖବରଦାତା ସମ୍ମିଳନୀରେ ସଭାପତି ଓ ଅନ୍ୟମାନେ ।

**କୃଷକ ସମାବେଶରେ ସ୍ୱେଚ୍ଛାସେବୀ ସାଜିବେ କର୍ମୀ**

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ପୋଲସରା,୨୧।୧(ଡି.ଏନ୍.ଏ.):** ପୋଲସରା ଥାନା ଉସ୍ତାପଡ଼ା- ମଥୁରା ଗ୍ରାମର ରାସ୍ତାରେ ସୋମବାର ରାତି ପ୍ରାୟ ୮ଟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଯୁବକ ମୃତ୍ୟୁ ଘଟିଛି । ସେମାନେ ହେଲେ ଖାରିଆ ପଲ୍ଲୀ ଗ୍ରାମର ପଦ୍ମ ଦାସ ଓ ପ୍ରଫୁଲ୍ଲ ଦାସ। ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇଯାଇଥିଲା। ନିକଟରେ ପଡ଼ିଥିବା ତାଙ୍କ ମୋବାଇଲ ଫୋନ୍‌ରୁ ନମ୍ବର ଦେଖି ସ୍ଥାନୀୟ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଫୋନ୍ କରିଥିଲେ। ଏବଂ ସେମାନେ କୋଦଳା ଥାନା କାଳିମେଘି ପଞ୍ଚାୟତ ଖାରିପଲ୍ଲୀ ଗ୍ରାମର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେମାନେ ଖାରିପଲ୍ଲୀରୁ ଜିଲୁଣ୍ଡା ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତାଙ୍କୁ ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ପାତ୍ରପୁର,୨୧।୧(ଡି.ଏନ୍.ଏ.):** ଜରଡ଼ା ଥାନା ବଳରାମପୁର ଏନ୍‌ଏଚ୍‌ରେ ସୋମବାର ଡ଼ମ୍ଫର ଓ ବାଇକ୍ ମଧରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରଞ୍ଜିତ ମହାରଣା (୨୦)। ନରେନ୍ଦ୍ର ମହାରଣା (୪୫) ଗୁରୁତର ଆହତ ହୋଇଛନ୍ତି।

ସୁଚନା ମୁତାବକ, ରଞ୍ଜିତ ଓ ନରେନ୍ଦ୍ର ଉଭୟ ମଞ୍ଜୁସାରୁ ବାଇକ୍ ଯୋଗେ କୌଣସି କାମରେ ବ୍ରହ୍ମପୁର ଯାଉଥିବାବେଳେ ବଳରାମପୁର ଗ୍ରାମ ନିକଟରେ ଏକ ଡ଼ମ୍ଫର ସହ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ରଞ୍ଜିତ ମୃତ୍ୟୁ ହୋଇଥିବାବେଳେ ଗୁରୁତର ନରେନ୍ଦ୍ରଙ୍କୁ ପ୍ରଥମେ ଇଛାପୁର ଓ ପରେ ବ୍ରହ୍ମପୁର ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଜରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

### ଗଛରେ ପିଟିହେଲା ଲୁନା, ଜଣେ ମୃତ

**ଖଜୁରିପଡା,୨୧।୧(ଡି.ଏନ୍.ଏ.):** ଖଜୁରିପଡା ଥାନା ଦୃତିମେଣ୍ଡି ପଞ୍ଚାୟତ ନିକଟ ବାକଗୁଡିଠାରେ ସୋମବାର ଅପରାହ୍ନରେ ଏକ ଆମ୍ବ ଗଛରେ ପିଟି ହୋଇ ଜଣେ ଲୁନା ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଲସକୁମ୍ପା ପଞ୍ଚାୟତ ନବଗୁବା ଗ୍ରାମର ଟୁନା ନାଏକ। ଟୁନା ଜଣେ ମୁଢି ବ୍ୟବସାୟୀ। ସେ ଖଜୁରିପଡାରୁ ମୁଢି ଆଣି ବଲସକୁମ୍ପା ଫେରୁଥିବାବେଳେ ଭାରସାମ୍ୟ ହରାଇ ଲୁନା ଗାଡିକୁ ରାସ୍ତାକଡ ଆମ୍ବ ଗଛରେ ପିଟି ଦେଇଥିଲେ। ଖଜୁରିପଡା ଦମକଳ ବାହିନୀ ଉଦ୍ଧାର କରି ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଜୁରିପଡା ଥାନା ଅଧିକାରୀ ଅନିତା କିଡୋ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

■ ଟଙ୍କା ଫେରସ୍ତ ଦାବି

# ସାହାରା ଅଫିସ୍‌ରେ ଜମାକାରୀଙ୍କ ହୋହଲ୍ଲା

**ବ୍ରହ୍ମପୁର ଅଫିସ୍, ୨୧।୧**



ସାହାରା ଅଫିସକୁ ଟଙ୍କା ପାଇଁ ଆସି ଦିନ ସାରା ଅପେକ୍ଷା କରିଥିବା ଜମାକାରୀ ।

ମ୍ୟାଚୁରିଟି ଟଙ୍କା ଫେରସ୍ତ ଦାବିକରି ସୋମବାର ବ୍ରହ୍ମପୁର ଟାଟା ବେଞ୍ଚ୍ ଛକ ନିକଟ ସାହାରା କାର୍ଯ୍ୟାଳୟରେ କିଛି ଜମାକାରୀ ହୋହଲା ପାଟିତୁଣ୍ଡ କରିଥିଲେ । ଦିନସାରା ଅପେକ୍ଷା କରି ରହିଥିଲେ ମଧ୍ୟ ଶାଖା ପରିଚାଳକ ଅଫିସ୍‌କୁ ନ ଆସିବାରୁ ଜମାକାରୀମାନେ ନିରାଶ ହୋଇ ଫେରିଥିଲେ । ତେବେ ଟଙ୍କା ଫେରସ୍ତ ନ ମିଳିଲେ ଆସନ୍ତା ଦିନରେ ସମସ୍ତ ଜମାକାରୀ ଏକତ୍ରିତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ କମ୍ପାନୀ ନିର୍ଦ୍ଦେଶାକ୍ରମେ କ୍ଷୁଦ୍ର ଜମାକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଧୀରେ ଧୀରେ ଅର୍ଥ ଫେରସ୍ତ କରାଯାଉଛି ବୋଲି ଶାଖା ପରିଚାଳକ ପ୍ରବୋଧ ଛୋଟରାୟ କହିଛନ୍ତି ।

ପ୍ରକାଶଯେ, ଛତ୍ରପୁର ଅଞ୍ଚଳର ସନ୍ତୋଷ ସାହୁ ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କ ନାମରେ ୨୦୦୬ ମାର୍ଚ୍ଚରେ ୧୦ ହଜାର ଟଙ୍କାର ଗୋଟିଏ ଫିକ୍ସ ଡିପୋଜିଟ୍ କରିଥିଲେ। ଉକ୍ତ ଅର୍ଥ ରାଶି ୧୨ ବର୍ଷ ପରେ ମ୍ୟାଚୁରିଟି ବାବଦକୁ ୩୦ ହଜାର ଟଙ୍କା ୨୦୧୮ ମଇ ୧୧ରେ ପାଇବାକୁ ଥିବା ବେଳେ ତାଙ୍କୁ ଅଫିସ୍ ପକ୍ଷରୁ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ । ସମ୍ପ୍ରତି ଘରେ ସରସ୍ୱତୀଙ୍କ ଶ୍ୱଶୁର ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହୋଇଥିବା ବେଳେ ଅର୍ଥ ଯୋଗାଡ ପାଇଁ ବାରମ୍ବାର ସାହାରା ଅଫିସକୁ ଆସି ନିରାଶ ହୋଇ ଫେରୁଥିବା କହିଛନ୍ତି । ମଇ ମାସରୁ ମ୍ୟାଚୁରିଟି ଅର୍ଥ ନ ଦେଇ ବରଂ କମ୍ପାନୀର ରହିଥିବା ଅନ୍ୟାନ୍ୟ ପ୍ରଲୋଭନ ସ୍କିମ୍ ଜରିଆରେ ତାହାକୁ ଜମା କରିଦେବାକୁ ବାଧ୍ୟ କରାଯାଉଛି ବୋଲି ସେ କହିଛନ୍ତି । ସେହିପରି ବଡବଜାର ଥାନାଞ୍ଚଳ ଲକ୍ଷ୍ମୀନୃସିଂହ ସାହି ୧୨ ଲେନ୍‌ର ଶଙ୍କର ପାଣିଗ୍ରାହୀ ଏବଂ ତାଙ୍କ ସ୍ତ୍ରୀ ସୁମିତ୍ରା ପାଣିଗ୍ରାହୀ ସାହାରା ଇଣ୍ଡିଆ କର୍ମସିଆଲ୍ କର୍ପୋରେଶନ୍ ଲିଃରେ ତିନି ଗୋଟି ଫିକ୍ସ ଡିପୋଜିଟ୍ କରିଥିଲେ । ବିଭିନ୍ନ ସ୍କିମ୍ ଜରିଆରେ ସେ ୨୦୦୭ ରୁ ୮୫ ହଜାର ଟଙ୍କା କମ୍ପାନୀରେ ଜମା କରିଥିଲେ । ୨୦୧୭ ଅକ୍ଟୋବର ମାସରୁ ମ୍ୟାଚୁରିଟି ହୋଇଯାଇଥିଲେ ମଧ କମ୍ପାନୀ ପକ୍ଷରୁ ସ୍କିମ୍ ପରିବର୍ତ୍ତନ କରାଯାଇ ଜମା ଟଙ୍କା କମ୍ପାନୀରେ ରଖିବାକୁ ବାଧ୍ୟ କରାଯାଉଛି ବୋଲି ସେ ଅଭିଯୋଗ ଆଣିଥିଲେ । ସୁମିତ୍ରାଙ୍କ ସ୍ୱାମୀ ଶଙ୍କର ଦୁର୍ଘଟଣାର ଶିକାର ହୋଇ ଗତ ତିନି ବର୍ଷ ହେଲା ଶଯ୍ୟାଶାୟୀ ହୋଇ ଆସିଛନ୍ତି । ଘରୋଇ କୋଚିଂ କରି ସୁମିତ୍ରା ପରିବାର ଭରଣ ପୋଷଣ କରୁଥିବା ବେଳେ ସ୍ୱାମୀଙ୍କ ଚିକିତ୍ସା ବାବଦକୁ ମାସକୁ ପ୍ରାୟ ୧୫ରୁ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଯାଉଥିବା ସେ କହିଛନ୍ତି। ଏଭଳି ସ୍ଥଳେ କମ୍ପାନୀ ପକ୍ଷରୁ ଟଙ୍କା ଫେରସ୍ତ କରାଯାଉ ନ ଥିବାରୁ ଦିନ ସାରା ସାହାରା ଅଫିସ୍‌ରେ ଶାଖା ପରିଚାଳକଙ୍କ ବାଟକୁ ଚାହିଁ ରହି କ୍ଷୋଭ ପ୍ରକାଶ କରିଥିଲେ । ଏଭଳି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ରହିଥିବା ଜମାକାରୀମାନେ ସୋମବାର ଟଙ୍କା ଫେରସ୍ତ କରାଯିବା ପ୍ରତିଶ୍ରୁତି ପାଇ ଅଫିସକୁ ଆସିଥିବା ବେଳେ ଟଙ୍କା ଫେରସ୍ତ ନ ପାଇ ହୋହଲା ପାଟିତୁଣ୍ଡ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆସନ୍ତା ଏକ ସପ୍ତାହ ମଧ୍ୟରେ ଟଙ୍କା ଫେରସ୍ତ କରାଯିବା ନେଇ ପ୍ରତିଶ୍ରୁତି ପାଇବା ପରେ ଜମାକାରୀମାନେ ଫେରିଥିଲେ । ଶୀଘ୍ର ଟଙ୍କା ଫେରସ୍ତ ନ ହେଲେ ଜମାକାରୀମାନେ ଜିଲାପାଳଙ୍କୁ ଅଭିଯୋଗ କରିବେ ବୋଲି ଜଣାଇଛନ୍ତି । ଅନ୍ୟପକ୍ଷରେ ନିୟମିତ ଜମାକାରୀମାନଙ୍କର ଟଙ୍କା ଫେରସ୍ତ କରାଯାଉଛି ତେବେ ଯାନ୍ତ୍ରିକ ତ୍ରୁଟି ହେତୁ ଜମାକାରୀମାନଙ୍କର ଟଙ୍କା ଫେରସ୍ତ ହୋଇପାରିନାହିଁ । ଖୁବ୍ ଶୀଘ୍ର ସେମାନଙ୍କୁ ମ୍ୟାଚୁରିଟି ଅର୍ଥ ଫେରସ୍ତ କରାଯିବ ବୋଲି ଶାଖା ପରିଚାଳକ ପ୍ରବୋଧ ଛୋଟରାୟ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ।

# ମହାପ୍ରୟାଣ ଗାଡ଼ି ଚାଳକଙ୍କ ଠାରୁ ଲୁଟ୍
## ମାଓବାଦୀ ସମ୍ପୃକ୍ତି ସନ୍ଦେହ, ପୋଲିସର ତନାଘନା

**ଭଞ୍ଜନଗର,୨୧।୧(ଡି.ଏନ.ଏ)**

ଗଞ୍ଜାମ ଜିଲା ତାରସିଂ ଥାନା ରାଣିକିଆରୀ ଛକରୁ ସୋମବାର ସନ୍ଧ୍ୟାରେ ଏକ ମହାପ୍ରୟାଣ ଗାଡ଼ି ଚାଳକଙ୍କ ଠାରୁ ପ୍ରାୟ ୪ହଜାର ୫ଶହ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଲୁଟ୍‌ରେ ମାଓବାଦୀମାନଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୋଲିସ ତଦନ୍ତ ଆରମ୍ଭ କରିଦେଇଛି।

ପ୍ରକାଶଯେ, ଏକ ମହାପ୍ରୟାଣ ଗାଡ଼ି ଚାଳକ ଗାଲେରୀକୁ ଏକ ମୃତଦେହ ନେଇଥିଲେ। ଗାଲେରୀ ମଶାଣି ସାହିରେ ମୃତଦେହ ରଖିବାପରେ ସନ୍ଧ୍ୟା ପ୍ରାୟ ୬.୪୦ରେ ଗାଡ଼ିଚାଳକ ଗାଲେରୀ ମେଡ଼ିକାଲରୁ ନିଧିଆପଲ୍ଲୀ ରାସ୍ତାଦେଇ ମୁଜାଗଡ଼ ଅଭିମୁଖେ ବାହାରୁଥିଲେ। ବାଟରେ ଗସମା ଯିବାକୁ ଥିବା ରାସ୍ତାର ରାଣିକିଆରୀ ଛକରେ ହଠାତ୍ ୨ଜଣ ମହିଳା ଗାଡ଼ିଟିକୁ ଅଟକାଇଥିଲେ। ଏହାପରେ ଆଉ ୪ଜଣ ଯୁବକ ଗାଡ଼ି ପାଖକୁ ଆସି ଚାଳକଙ୍କୁ କିଛି ପଚାରିଥିଲେ। ଏହାପରେ ଚାଳକଙ୍କ ପାଖରେ ଥିବା ଟଙ୍କା ଲୁଟି ନେଇଥିଲେ। ଏଥିସହ ଗାଡ଼ି ଚାଳକଙ୍କୁ କହିଥିଲେ, ଗସମା ରାସ୍ତାର କିଛି କିମି ଆଗରେ ନେଇ ଛାଡ଼ିବା ପାଇଁ। ତେଣୁ ଗାଡ଼ିଚାଳକ ସେମାନଙ୍କୁ ଗସମା ପାଖରେ ନେଇ ଛାଡ଼ିଥିଲେ। ଗାଡ଼ିରେ ଥିବା କିଛି ଗଜ୍ କପଡ଼ା ନେଇଯାଇଛନ୍ତି। ଏହାପରେ ଗାଡ଼ିଚାଳକ ଜଣଙ୍କ ଭୟଭୀତ ହୋଇ ଦ୍ରୁତଗତିରେ ଭଞ୍ଜନଗର ଚାଲିଆସିଥିଲେ। ଖବରପାଇ ଗଞ୍ଜାମ ଏଏସ୍‌ପି ଅମରେଶ ପଣ୍ଡା, ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ଘଟଣାର କେତେ ସତ୍ୟତା ଅଛି ସେନେଇ ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାସରେ ଭଞ୍ଜନଗର ଥାନା ଦଦରାଲୁଣ୍ଡା ଠାରେ ଗଞ୍ଜାମ କନ୍ଧମାଳ ଜିଲାର ୩ ବିଧାୟକଙ୍କ ବିରୋଧରେ ମାଓବାଦୀଙ୍କ ନାମରେ ଏକ ବ୍ୟାନର ମରାଯାଇଥିଲା। ଉକ୍ତ ବ୍ୟାନର କିଏ ମାରିଥିଲା ତାହା ପୋଲିସ ଆଜି ପର୍ଯ୍ୟନ୍ତ ସ୍ପଷ୍ଟ କରିପାରିନଥିବା ବେଳେ ଆଜିର ଘଟଣା ପୋଲିସ ପାଇଁ ମୁଣ୍ଡ ବ୍ୟଥା ବଢ଼ାଇଦେଇଛି।

### ପୂର୍ବଶତ୍ରୁତାରୁ ଆକ୍ରମଣ ମାମଲା
# ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ବ୍ରହ୍ମପୁର ଅଫିସ୍, ୨୧।୧**

ପୂର୍ବଶତ୍ରୁତାକୁ ନେଇ ଖଣ୍ଡାରେ ଆକ୍ରମଣ ମାମଲାର ବିଚାର କରି ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବ୍ରହ୍ମପୁର ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ୍ ପ୍ରଜ୍ଞା ପଣ୍ଡା । ତେବେ ୩ ପିଓ (ପ୍ରବେଶନ୍ ଅଫେଣ୍ଡର୍ସ) ଅନୁଯାୟୀ, ପ୍ରଥମ କରି ଅପରାଧ କରିବା ହେତୁ କୋର୍ଟ ତାଗିଦ୍ କରି ଛାଡି ଦେଇଥିବା ସରକାରୀ ଓକିଲ ଏପିପି ମନୋଜ କୁମାର ପାଢୀ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଅଧୀନ ଦକ୍ଷିଣପୁର ଗ୍ରାମର ତ୍ରିଲୋଚନ ନାଇକ ।

ପ୍ରକାଶଯେ, ୨୦୧୭ ନଭେମ୍ବର ୧୯ରେ ତ୍ରିଲୋଚନ ସେହି ଗ୍ରାମର ଗୋପବନ୍ଧୁ ନାଇକଙ୍କୁ ପୂର୍ବଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଖଣ୍ଡା ଚୋଟ ଗୋପବନ୍ଧୁଙ୍କ ହାତରେ ଆଘାତ ଲାଗିଥିଲା । ଏନେଇ ଥାନାରେ ଏତଲା ହେବା ପରେ ପୋଲିସ ନଂ. ୨୫୦/୧୭ରେ ଏକ ମାମଲା ରୁଜୁକରି ତ୍ରିଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସୁରେଶ କୁମାର ସାହୁ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା । ସୋମବାର ଉକ୍ତ ମାମଲାରେ ୭ଜଣ ସାକ୍ଷୀଙ୍କ ସାକ୍ଷ୍ୟ ବୟାନକୁ ଭିତ୍ତିକରି ତ୍ରିଲୋଚନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲା । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀ ମାମଲାର ପରିଚାଳନା କରୁଥିଲେ ।

# ବିଜୟ ହାଇସ୍କୁଲର ବାର୍ଷିକ ଉତ୍ସବ

**ରାଇକିଆ,୨୧।୧(ଡ଼ି.ଏନ.ଏ)**




ମଞ୍ଚାସୀନ ଅତିଥିବୃନ୍ଦ।

ରାଇକିଆ ବିଜୟ ହାଇସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ପୃଷ୍ଟିଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ରାଇକିଆ ବିଡିଓ ରଶ୍ମି ରଞ୍ଜନ ମହନ୍ତ, ଅତିରିକ୍ତ ତହସିଲଦାର ଶୁଭ ଦତ୍ତାତ୍ରେୟ ବାହିନୀ ପତି, ବିଇଓ ଅନ୍ତର୍ଯ୍ୟାମି ପ୍ରଧାନ, ସରପଞ୍ଚ ପଞ୍ଚୁ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ଗୀତାଞ୍ଜଳୀ ନାୟକ, ବିଦ୍ୟାଳୟ ସମ୍ପାଦକ ଫାଦର ପ୍ରଦୋଷ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏନସିସି ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



ଅଜିତ୍



ରାଜେଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
bmpselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଧରାକୋଟ,୨୧।୧(ଡି.ଏନ୍.ଏ.)**

ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ମହାବିଦ୍ୟାଳୟରେ ଗତ ୩ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଅଧକ୍ଷ ଦିଗାମ୍ବର ବିଶୋୟୀଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଲଡୁକିଶୋର ବେହେରା, ସମ୍ମାନିତ ଅତିଥି ଶଙ୍କର ସାହୁ, ରଞ୍ଜନ କୁମାର ପାଇଯୋଶୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିବା କୃତୀ ଛାତ୍ରୀଛତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିବିରକୁ ପ୍ରଶିକ୍ଷିକା ସୋନାଲି ଗୌଡ଼, ବନିତା ସାହୁ, ମିନିତ ଗୌଡ଼ ପ୍ରମୁଖ ୨୦୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ପଟ୍ଟନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

# ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ବିକ୍ଷୋଭ

**ଶେରଗଡ,୨୧।୧(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ସୋମବାର ବ୍ଲକ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଋଷିକୁଲ୍ୟା ରୟତ ମହାସଭାର ଶତାଧିକ ସଭ୍ୟ ଓ ଚାଷୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଆଗରୁ ଏକ ଶୋଭାଯାତ୍ରାରେ ଯାଇ ବଡଦାଣ୍ଡ ସାହି, ବଜାରଛକ, ରମୁଣିସାହି ହୋଇ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସଭା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆୟୋଜିତ ସଭାରେ ଋଷିକୁଲ୍ୟା ରୟତ ମହାସଭାର ସଭାପତି ବଳରାମ ରାଉତ ଅଧ୍ୟକ୍ଷତା କରିଥିଲେ। ମହାସଭାର ଆବାହକ ପ୍ରଫୁଲ୍ଲ ସାମନ୍ତରା ମଧ୍ୟ ବିକ୍ଷୋଭରେ ଯୋଗ ଦେଇଥିଲେ। ଚାଷୀଙ୍କୁ ହକ ପ୍ରଦାନ, ତିତ୍‌ଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ୨୫ ହଜାର ଟଙ୍କା କ୍ଷତି ପୂରଣ, ଆଖୁଦର କୁଇଣ୍ଟାଲ ପିଛା ୩୫୦୦ ଟଙ୍କା, ସବୁଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବା ପ୍ରମୁଖ ଦାବି ରହିଛି। ଦାବି ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବୁ ବୋଲି ରୟତ ମହାସଭା ପକ୍ଷରୁ କୁହାଯାଇଛି। ବିକ୍ଷୋଭରେ ହିଞ୍ଜିଳିର ପଦ୍ମନାଭ ସାହୁ , କବିସୂର୍ଯ୍ୟନଗରର ସୀତାରାମ ପାଣିଗ୍ରାହୀ , ବ୍ଲକ ଋଷିକୁଲ୍ୟା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ସଂଯୋଜକ ଅଭିମନ୍ୟୁ ପାତ୍ର ସମୀର ରାଉତ, ଜୟରାମ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।



ଧାରଣାରେ ବସିଥିବା ଚାଷୀ।

■ ଜବରଦଖଲକାରୀଙ୍କ କବ୍‌ଜାରୁ ବଡ଼ ମେଡିକାଲକୁ ସୁରକ୍ଷା ଦାବି

# ଏମ୍‌ଏଏସ୍‌ଏମ୍‌ର ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ

**ବ୍ରହ୍ମପୁର ଅଫିସ୍, ୨୧।୧**




ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟପିଟା ଯାତ୍ରା।

ଜବରଦଖଲକାରୀଙ୍କ କବ୍‌ଜାରୁ ବ୍ରହ୍ମପୁର ବଡ ମେଡିକାଲକୁ ସୁରକ୍ଷା ଦାବିନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ(ଏମ୍‌ଏଏସଏମ୍) ପକ୍ଷରୁ ସୋମବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୭୮ତମ ଘଣ୍ଟପିଟା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଆର୍‌ଡିସି ଟି.ଆଓଙ୍କ ଅନୁପସ୍ଥିତିରେ ସଚିବ ସୁଜାତା ସାହୁଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ପ୍ରକାଶ ଯେ, ୧୯୬୨ରୁ ବଡ ମେଡିକାଲର ବିଭିନ୍ନ ବିଭାଗ ନିର୍ମାଣ ହୋଇ ଚିକିତ୍ସା କ୍ଷେତ୍ରର ସମ୍ପ୍ରସାରଣ ହୋଇଛି । ଅଧିକରୁ ଅଧିକ ଉନ୍ନତ କରିବା ପାଇଁ ଏହାର ସୁବିସ୍ତୃତ ଜାଗା ଚିହ୍ନଟ କରିବା ନିହାତି ଆବଶ୍ୟକ ରହିଛି । ହେଲେ ବଡ ମେଡିକାଲର ଚତୁଃପାର୍ଶ୍ୱ ଗଜପତି ନଗର, ଭାବା ନଗର, ସିଦ୍ଧାର୍ଥ ନଗର ଓ ଗୋଇଲୁଣ୍ଡି ଆଦି ଅଞ୍ଚଳରେ ଅନେକ ଜାଗା ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ନେଇ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇ ପ୍ରଦତ୍ତ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । ବଡ ମେଡିକାଲର ନିଜସ୍ୱ ସମସ୍ତ ଜାଗାର ନକ୍ସା ଅନୁଯାୟୀ ଚିହ୍ନଟ ଓ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିକରି ସ୍ମାରକପତ୍ର ପ୍ରଦାନ କରାଯାଇଛି । ମଞ୍ଚ ସଂଯୋଜକ ଅବନୀ ଗୟାଙ୍କ ନେତୃତ୍ୱରେ ଉକ୍ତ ଆନ୍ଦୋଳନରେ ଲକ୍ଷ୍ମୀନାରାୟଣ ରାଉତ, ମହେଶ୍ୱର ବାଡତ୍ୟା, ଶ୍ୟାମ ସୁନ୍ଦର ଖାଡଙ୍ଗା, ପ୍ରଫୁଲ୍ଲ କୁମାର ପଶୁପାଳକ, ନୀଳାଞ୍ଚଳ ନନ୍ଦ ଓ ଗୌରୀଶଙ୍କର ମହାନ୍ତି ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ଅଜଣା ଯୁବକଙ୍କ ମୃତ୍ୟୁ

**କନିଷି,୨୧।୧(ଡି.ଏନ.ଏ.):** ଗୋଳନ୍ଥରା ଥାନା ୧୬ନଂ. ଜାତୀୟ ରାଜପଥ ହଳଦିଆପଦର ନିକଟରେ ରବିବାର ରାତି ପ୍ରାୟ ୧୨ଟାରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗୋଳନ୍ଥରା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅତିରିକ୍ତ ଇନ୍ସପେକ୍ଟର ବସନ୍ତ କୁମାର ସେଠୀ ମୃତଦେହ ପଡିଥିବା ଦେଖି ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ମୃତ ଯୁବକ ଜଣକ ଚାଲିଚାଲି ୧୬ନଂ ଜାତୀୟ ରାଜପଥ ପାର ହେଉଥିବା ବେଳେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିବା ଅନୁମାନ କରାଯାଉଛି। ଯୁବକଙ୍କ ବୟସ ୩୫ ରୁ ୩୭ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି।

### ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଯୋଗିତା

**ଶେରଗଡ,୨୧।୧(ଡି.ଏନ୍.ଏ.):** ଶେରଗଡ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ତର୍କ, ରଚନା, ଜାତୀୟତାବୋଧ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଲକ୍ଷ୍ମୀନାରାୟଣ କର, ଶୈରିନ୍ଦ୍ରି ଦଳେଇ ଓ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଚାରକଭାବେ ସିଆରସିସି ଡ୍ରାଇଭର ବିଷୋୟୀ, ସରୋଜ କୁମାର ପାଣିଗ୍ରାହୀ, ସୁଦର୍ଶନ ବେହେରା, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଟ୍ଟନାୟକ, ପ୍ରଫୁଲ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପ୍ରତ୍ୟେକ ବିଭାଗରୁ ୩ କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ପ୍ରତିଯୋଗିତାରେ ପ୍ରତ୍ୟେକ କ୍ଲଷ୍ଟରର ଛାତ୍ରୀଛାତ୍ର ଭାଗ ନେଇଥିଲେ।

### ଅଗ୍ନିଶମ ବିଭାଗ ପକ୍ଷରୁ ଆଦର୍ଶ ବିଦ୍ୟାଳୟରେ ସଚେତନତା

**ହାତୀଓଟ,୨୧।୧:** ପୋଲସରା ବ୍ଲକ ହାତୀଓଟ ସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ରବିବାର ଅଗ୍ନିଶମ ବିଭାଗ ପୋଲସରା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ଅଗ୍ନିଶମ ବିଭାଗର କାର୍ଯ୍ୟକାରୀ ଅଫିସର ରୁଦ୍ର ମାଧବ ମଲିକ ଓ ଲିଡିଂ ଅଫିସର ରାଜେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକାରୀ ଅଧକ୍ଷ ରତ୍ନମୟୀ ପୁରୋହିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅଗ୍ନିଶମ ବିଭାଗ ଲିଡିଂ ଅଫିସର ସ୍ୱାଇଁ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ସରଞ୍ଜାମର କାର୍ଯ୍ୟକାରିତା ଉପରେ ସଚେତନ କରାଇଥିଲେ।

### ବୁଦ୍ଧଗିରି ବିଦ୍ୟାପୀଠରେ ବାର୍ଷିକୋତ୍ସବ



**ବୁଗୁଡ଼ା,୨୧।୧(ଡି.ଏନ.ଏ.):** ବୁଗୁଡ଼ା ଏନ୍ଏସି ବୀରଧନଞ୍ଜୟପୁର ଶାସନ ବୁଦ୍ଧଗିରି ବିଦ୍ୟାପୀଠର ବାର୍ଷିକ ଉତ୍ସବ ଉକ୍ତ ବିଦ୍ୟାପୀଠ ପରିସରରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ସମ୍ମାନିତ ଅତିଥି ଭଞ୍ଜନଗର ବିଇଓ ଏସ. ଧନଞ୍ଜୟ, ଶେରଗଡ଼ ବିଇଓ ଭାସ୍କର ଲେଙ୍କା, ରଙ୍ଗେଇଲୁଣ୍ଡା ବିଇଓ ପ୍ରଭାତି ମହାପାତ୍ର, ଛତ୍ରପୁର ବିଇଓ ଅବିନାଶ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବୃଷକେତୁ ଦାଶ ସ୍ୱାଗତ ଭାଷଣ ଦେଇଲେ। ପ୍ରଧାନ ଶିକ୍ଷକ ସ୍ୱରୂପ ରଞ୍ଜନ ମହାନ୍ତି ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ କ୍ରୀଡ଼ା ଶିକ୍ଷକ ଅମର କୁମାର ସାହୁଙ୍କୁ ଡିଇଓ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନାରେ ବିଦ୍ୟାପୀଠର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।

## ନିୟନ୍ତ୍ରିତ ବଜାର କମିଟି, ବ୍ୟବସାୟୀଙ୍କ ବୈଠକ

# ନିୟନ୍ତ୍ରିତ ବଜାର ପ୍ରାଙ୍ଗଣର ହଳଦୀ କିଣିବେ ବ୍ୟବସାୟୀ

**ଦାରିଙ୍ଗବାଡ଼ି, ୨୧।୧(ଡି.ଏନ.ଏ)**



ବୈଠକରେ ଉପସ୍ଥିତ ଉପଜିଲାପଳ ଭାଉସାହେବ ଓ ବ୍ୟବସାୟୀମାନେ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ନିୟନ୍ତ୍ରିତ ବଜାର କମିଟି ଏବଂ ଦାରିଙ୍ଗବାଡ଼ି ବ୍ୟବସାୟୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ (ଆରଏମ୍ସି) ରେଗୁଲେଶନ ମାର୍କେଟିଂ କମିଟି ବା ନିୟନ୍ତ୍ରିତ ବଜାର କମିଟିର ଅଧକ୍ଷ ତଥା ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଅଧକ୍ଷତା କରିଥିଲେ। ଏଣିକି ଅଞ୍ଚଳରେ ହଳଦୀ ଚାଷୀଙ୍କଠାରୁ ସିଧା ବ୍ୟବସାୟୀମାନେ ତାଙ୍କ ଚାଷଜମି କିମ୍ବା ଘରୁ କିଣାବିକା ସହ ପରିବହନ କରିପାରିବେ ନାହିଁ ବୋଲି ଅଧକ୍ଷ ଭାଉସାହେବ କହିଥିଲେ। ଏଥିପାଇଁ ଟିକାବାଲି ନିୟନ୍ତ୍ରିତ ବଜାର କମିଟି ରାଇକିଆ ଶାଖା ପକ୍ଷରୁ ଦାରିଙ୍ଗବାଡ଼ିଠାରେ ବ୍ୟବସାୟୀଙ୍କ ପାଇଁ ମଣ୍ଡିର ବ୍ୟବସ୍ଥା କରାଯିବ। ସେହିଠାରେ ହିଁ ବ୍ୟବସାୟୀମାନେ ଏହି ନିୟନ୍ତ୍ରିତ ବଜାର କମିଟି ଜରିଆରେ ଦର ଧାର୍ଯ୍ୟ ପ୍ରକାରେ କିଣାବିକା କରିପାରିବେ ବୋଲି କୁହାଯାଇଥିଲା। କେଉଁ ବ୍ୟବସାୟୀଙ୍କ

### ଖିଲାପକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ- ଉପଜିଲାପାଳ

ନିକଟରେ ଏବେ କେତେ ହଳଦୀ ଷ୍ଟକ ରହିଛି ତାହା ୧୫ ଦିନ ମଧ୍ୟରେ ଏହି ବଜାରର ସମ୍ପାଦକଙ୍କୁ ଜଣାଇବା ପାଇଁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁମାନେ ଏଥିରେ ଖିଲାପ କରିବେ ଏବଂ ଟିକାବାଲି ନିୟନ୍ତ୍ରିତ ବଜାରର ଅଜାଣତରେ ଏହି ବ୍ୟବସାୟ କରିବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କୁହାଯାଇଛି। ବ୍ୟବସାୟୀମାନେ ମଧ ଉପଜିଲାପାଳଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଚାଷୀ ଜରୁରୀ ସମୟରେ ବ୍ୟବସାୟୀଙ୍କ ଉପରେ ନିର୍ଭର କରୁଥିଲେ। ରାତିଅଧିଆ ଆବଶ୍ୟକ ପଡିଲେ ବ୍ୟବସାୟୀଙ୍କୁ ହଳଦୀ ଦେଇ ଟଙ୍କା ପାଉଥିଲେ। ଏପରି ସ୍ଥଳେ ବ୍ୟବସାୟୀ ଛାଡ଼ିଦେଲେ କ'ଣ ବଜାର କମିଟି କିମ୍ବା କସମ (କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏସନ ଫର୍ ମାର୍କେଟିଂ) ଚାଷୀଙ୍କୁ ହଳଦୀ ମୂଲ୍ୟ ଜରୁରୀ ସମୟରେ ଦେଇପାରିବେ କି ବୋଲି ଚାଷୀ ପ୍ରଶ୍ନ କରିଥିଲେ। ଉପଜିଲାପାଳ କହିଥିଲେ, କସମର କାର୍ଯ୍ୟ ହେଲା କେବଳ ଚାଷୀଙ୍କଠାରୁ ନିୟନ୍ତ୍ରିତ ବଜାର ପର୍ଯ୍ୟନ୍ତ ପରିବହନ ବ୍ୟବସ୍ଥା କରିବ। ଯଦି ଜରୁରିପଡେ ତେବେ ସେ ୪୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଚାଷୀଙ୍କୁ ଦେଇପାରିବ ବୋଲି କହିଥିଲେ। ଏଭଳି ପଞ୍ଜିକୃତ ଏବଂ ନିୟନ୍ତ୍ରିତ ବଜାର ଜରିଆରେ ବ୍ୟବସାୟୀ ଏବଂ ଚାଷୀ କାରବାର ନ କଲେ କନ୍ଧମାଳ ହଳଦୀ ଜିଆଇ ଟ୍ୟାଗ ହୋଇପାରୁନଥିବା ଉପଜିଲାପାଳ କହିଥିଲେ।

ବୈଠକରେ ବିଡିଓ ତ୍ରିଲୋଚନ ପାତ୍ରଙ୍କ ସମେତ ଟିକାବାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁରେଶ ଚନ୍ଦ୍ର ବେହରା, ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ସେହିପରି ବ୍ୟବସାୟୀଙ୍କ ମଧ୍ୟରେ ମୁରଲୀ ପାଢୀ, ଅଜିତ କୁମାର ସାହୁ, ଦୁର୍ଗା ସୁବୁଦ୍ଧି, ବୁଲୁ ସାହୁ, ଭଗି ପାଢୀ, ବାବୁ ସୁବୁଦ୍ଧି, ଲଡୁକିଶୋର ସାହୁ, ଟୁନା ସାହୁ, ମିନି ସାହୁ, କୁମୁଦ ଚନ୍ଦ୍ର ସାହୁ, ବୁବୁ ସର୍କାର ପ୍ରମୁଖ ଯୋଗଦେଇଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳନ

### ଦେଉଳିଆ, ବଡ଼ବନ୍ଧ ଉନ୍ନତୀକରଣ ପାଇଁ ଶିଳାନ୍ୟାସ



ଦେଉଳିଆ ବନ୍ଧର ଶିଳାନ୍ୟାସ କରୁଛନ୍ତି ବିଧାୟକ।

**ଗୋପାଳପୁର,୨୧।୧**

ଜଳ ସମ୍ପଦ ବିଭାଗ ରଙ୍ଗେଇଲୁଣ୍ଡା ବ୍ଲକରେ ୨ଟି ବନ୍ଧର ଉନ୍ନତୀକରଣ ନିମନ୍ତେ ସୋମବାର ଶିଳାନ୍ୟାସ ସହ ପାଣି ପଞ୍ଚାୟତ ପକ୍ଷ ପାଳନ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଅଧକ୍ଷ ସୁବାସ ବେହେରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ ଯୋଗ ଦେଇଥିଲେ। ୪୦ ଲକ୍ଷ ଟଙ୍କା ବ୍ୟୟରେ ରାଳବସ୍ଥିତ ଦେଉଳିଆ ବନ୍ଧର ଉନ୍ନତୀକରଣ ଏବଂ ୬୦ ଲକ୍ଷ ବ୍ୟୟରେ ଶାସନପଦରସ୍ଥିତ ବଡ଼ବନ୍ଧର ଉନ୍ନତିକରଣ ନିମନ୍ତେ ବିଧାୟକ ପାଣିଗ୍ରାହୀ ଶିଳାନ୍ୟାସ କରିଥିଲେ। ଏଥିସହ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହରେ ବିଧାୟକ ଡ଼. ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଦକ୍ଷିଣାଞ୍ଚଳ କ୍ଷୁଦ୍ର ଜଳସେଚନ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଦାଶ, ଅରୁଣ କୁମାର ଶୁକ୍ଳା, ସରପଞ୍ଚ ସୁପ୍ରଭା ବେହେରା, ଲୋକନାଥ ବେହେରା, ସଂଗ୍ରାମ ମହାନ୍ତି, ଦୀପୁ ସାମନ୍ତ, ଦଣ୍ଡ ପାଣିଗ୍ରାହୀ, ସିଏଚ୍ ନରେଶ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଜଣେ ଛାତ୍ରୀଙ୍କୁ ଅତିଥି ସମ୍ମାନିତ କରୁଛନ୍ତି ।

**ଗଞ୍ଜାମ,୨୧।୧(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଏସ୍ପି ଦିଲିପ କୁମାର ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷା ପରିଷଦର ଅରୁଣ କୁମାର ପାଢ଼ୀ, ସମ୍ମାନିତ ଅତିଥି ବ୍ରହ୍ମପୁର ଏମ୍କେସିଜି ପୂର୍ବତନ ସୁପରିଟେଣ୍ଡେଣ୍ଟ ଯୋଗେନ୍ଦ୍ର ପ୍ରସାଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ କୁମାର ମହାପାତ୍ର, ସମ୍ପାଦକ ଗିରିଶ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସମାଜରେ ଉତ୍ତମ ଛାତ୍ର ଗଠନ ପାଇଁ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଗୁରୁମା ଗୁରୁଜୀଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ପ୍ରଧାନାଚାର୍ଯ୍ୟ ସରୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଆଚାର୍ଯ୍ୟ ପ୍ରମୋଦ କୁମାର ବାରିକ ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟା ରଞ୍ଜିତା କୁମାରୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମୋନାଲିସା ପଣ୍ଡା, ରଶ୍ମି ସାହୁ, ବର୍ଷାରାଣୀ ପଣ୍ଡା, ଶୁଭ୍ରକାନ୍ତ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଶିଶୁ ବିଦ୍ୟା ମନ୍ଦିର ପ୍ରତିଷ୍ଠାର ପ୍ରମୁଖ କର୍ଣ୍ଣଧାର ସ୍ୱର୍ଗତ ରାମକୃଷ୍ଣ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟର ଏକ ଶ୍ରେଣୀ ଗୃହ ରାମକୃଷ୍ଣ କକ୍ଷ ଭାବେ ଉନ୍ମୋଚନ କରିଥିଲେ ଅନ୍ୟତମ ସମ୍ମାନିତ ଅତିଥି ଜଗବନ୍ଧୁ ଦାସ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍‌ରେ ନିଯୁକ୍ତି ଦାବିରେ ଧାରଣା



ଧାରଣାସ୍ଥଳରେ ଗ୍ରାମବାସୀ ଓ ପୋଲିସର ଆଲୋଚନା।

**ଗଞ୍ଜାମ,୨୧।୧(ଡି.ଏନ.ଏ.)**

ଗ୍ରାସୀମ ଇଣ୍ଡଷ୍ଟ୍ରିଜରେ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବକଙ୍କୁ ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଏହି ବ୍ଲକର କାଇଁଚପୁର ପଞ୍ଚାୟତର କଲ୍ୟାଣପୁର ଏବଂ ଜରାପଦର ଗ୍ରାମବାସୀ କମ୍ପାନୀ ପମ୍ପ ହାଉସଠାରେ ସୋମବାର ଧାରଣା ଦେବା ସହ କମ୍ପାନୀକୁ ଜଳ ଯୋଗାଣ ବନ୍ଦ କରି ଦେଇଥିଲେ। ଫଳରେ ଉତ୍ପାଦନ ଠପ୍ ହୋଇଯାଇଥିଲା। ଖବର ପାଇ ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ଅବନୀ କୁମାର ସାହୁ, ଛତ୍ରପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀ, ଥାନାଧିକାରୀ ଅନିଲ କୁମାର ମାହାନ୍ତି, ଛତ୍ରପୁର ଥାନାଧିକାରୀ ପ୍ରିୟସ ରଞ୍ଜନ ଛଟରାଏ ପ୍ରମୁଖ ଧାରଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏଥିରେ ବିଫଳ ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧାରଣାସ୍ଥଳକୁ ଡ଼ାକିଥିଲେ। ପରେ କମ୍ପାନୀ ଏଚ୍ଆର ମୁଖ୍ୟ କେ.ଜି. ଗେନେରୱାଲ, ଲୋକ ସମ୍ପର୍କ ସୂଚନା ଅଧିକାରୀ ପ୍ରବୀଣ ଦାସ, ମହାପ୍ରବନ୍ଧକ ରବୀନ୍ଦ୍ର କୁମାର ମାହାନ୍ତି, ସିକ୍ୟୁରିଟି ମୁଖ୍ୟ ଏସ୍ କେ ଦାସ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଫେବୃୟାରୀ ୧ରେ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ହିଞ୍ଜିଳିକାଟୁ,୨୧।୧(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ତହସିଲଦାର ଗୋପୀନାଥ କଅଁର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି, ସମ୍ମାନିତ ଅତିଥି ଭାବେ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ଛତ୍ରପୁର ବିଇଓ ଅବିନାଶ ଶତପଥୀ, କଂଟୁରୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିଜୁ ପଟ୍ଟନାୟକ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା

**ଶେରଗଡ,୨୧।୧(ଡି.ଏନ.ଏ.)**

ଶେରଗଡସ୍ଥିତ ବିଜୁ ପଟ୍ଟନାୟକ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଶନିବାର ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଗୌରହରି ବିଷୋୟୀ, ଅଜୟ କୁମାର ଜେନା ଏହାର ଶୁଭାରମ୍ଭ କରିଥିଲେ। ଅତିଥି କ୍ରୀଡା ଅଧାପକ ସୁଧାଂଶୁ ମୋହନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମହିବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଗୀତାଞ୍ଜଳୀ ପାଢୀ, ନକୁଳ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ବାର୍ଷିକ ଉତ୍ସବ ପାଳିତ

**ସୋରଡ଼ା,୨୧।୧(ଡି.ଏନ୍.ଏ.):** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମଧ୍ୟାହ୍ନରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱବଧାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏବିଇଓ ସୁଶିଳା ପାତ୍ର, ଅଭିମନ୍ୟୁ ସାହୁ, ଟ୍ରେଜେରି ଅଧିକାରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଅଧାପିକା ଉଷାରାଣୀ ସାବତ ଯୋଗଦେଇଥିଲେ। ଶିକ୍ଷକ ଶିଶିର କାନ୍ତ ସ୍ୱାଇଁ, ଗୋପାଳନାୟକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

## ଅଭିଯୋଗ ଶୁଣାଣିକୁ ଆସିଲେନି ଜିଲାପାଳ

# ଏଡିଏମ୍ ଶୁଣିଲେ ୫୮୩ ଅଭିଯୋଗ

**ଭଞ୍ଜନଗର,୨୧।୧(ଡି.ଏନ.ଏ)**

ପ୍ରତ୍ୟେକ ମାସ ତୃତୀୟ ସୋମବାର ଗଞ୍ଜାମ ଜିଲାପାଳ ଭଞ୍ଜନଗର ଆସି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ସମୟ ଧାର୍ଯ୍ୟ ହୋଇଛି। କିନ୍ତୁ କାର୍ଯ୍ୟବ୍ୟସ୍ତତା ଯୋଗୁ ଜିଲାପାଳ ସୋମବାର ଅଭିଯୋଗ ଶୁଣାଣିକୁ ଆସିପାରିନଥିଲେ। ତାଙ୍କ ସ୍ଥାନରେ ଏଡିଏମ୍ ବିଜୟ କୁମାର ଦାସ ଆସି ୫୮୩ ଅଭିଯୋଗର ଶୁଣାଣି କରିଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଡିଏମ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଜଣଙ୍କୁ ୯ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଅଧିକାଂଶ ଅଭିଯୋଗ ଭତ୍ତା, କାଳିଆ ଯୋଜନା, ରାଶନକାର୍ଡ, ଇନ୍ଦିରା ଆବାସ ଉପରେ ଆସିଥିଲା। ଅଭିଯୋଗ ଶୁଣାଣି ସମୟରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଏଡିଏମ୍ ଅଭିଯୋଗ ଶୁଣୁଛନ୍ତି।

## ନବ ନିର୍ମାଣ କୃଷକ ସଂଗଠନର ସଭା

**ଫୁଲବାଣୀ ଅଫିସ, ୨୧।୧**



ସଭାରେ ଉପସ୍ଥିତ ଚାଷୀମାନେ।

କୃଷି ଓ କୃଷକମାନଙ୍କ ସୁରକ୍ଷା ଏବଂ ବିକାଶ ପାଇଁ ସୋମବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାଖରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନ ରାଷ୍ଟ୍ରୀୟ ଅଧକ୍ଷ ଅକ୍ଷୟ କୁମାରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଚାଷୀଙ୍କୁ ୨୦ ବର୍ଷରୁ ସୁରକ୍ଷା ଭତ୍ତା ବାବଦରେ ୫ ହଜାର ଟଙ୍କା ପେନସନ, ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ, ବଜାର ବ୍ୟବସ୍ଥା ପାଇଁ ଚାଲିଥିବା ଆନ୍ଦୋଳନରେ କନ୍ଧମାଳର ଚାଷୀ ଏକତ୍ରିତ ହୋଇ ଲଢ଼ିବାକୁ ଆହ୍ୱାନ ଦିଆଯାଇଥିଲା । ଜିଲାରେ କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ବ୍ୟବସ୍ଥା ଥାଇ ମଧ ତାହା କାମକୁ ନୁହଁ। କାରଣ ଏଠାରେ ଖାଲି ଠିକାଦାର ପୋଷା ହେଉଛନ୍ତି। ଯାହାର ଉଦାହରଣ ହେଉଛି ଜିଲାରେ ୨୮ ହଜାର ୪୩୪ ହେକ୍ଟର ଜମିକୁ ଜଳ ସେଚନ ବ୍ୟବସ୍ଥା ଥିବା ବେଳେ ୯୯ ହଜାର ୩୫୬ ହକ୍ଟର ଜମି ଅଣ ଜଳସେଚିତ । ତେଣୁ ଚେକ୍ ଡ୍ୟାମ କେଉଁଠି ନିର୍ମାଣ ହେଉଛି ତାର ବିଦ୍ଧିବଧ ତଦନ୍ତ ଆବଶ୍ୟକ । ସେହିପରି ଜି.ଉଦୟଗିରିରି ସମେତ ବନ୍ଦ ହୋଇପଡିଥିବା ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା, ନଦୀରେ ବ୍ୟାରେଜ୍ ନିର୍ମାଣ କରିବା, ପାରମ୍ପରିକ ବିହନରେ ଚାଷ କରିବା ଉପରେ ସଂଗଠନ କର୍ମକର୍ତ୍ତାମାନେ ଜୋର ଦେଇଥିଲେ । ରାଜ୍ୟ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ଭରତ ଯୋଗଦେଇ କନ୍ଧମାଳ ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ହଳଦୀ ଏବଂ ମସଲା ଜାତୀୟ ଚାଷ ଭଲ ହୋଇଥାଏ । ବିଭାଗୀୟ ଅଧିକାରୀଙ୍କ ଉତ୍ତର ଦାୟିତ୍ୱ ଅଭାବରୁ ଚାଷୀ ଶୋଷଣର ଶୀକାର ହେଉଛନ୍ତି । ଅଦା, ହଳଦୀ ଏବଂ ମସଲା ଜାତୀୟ ଅନ୍ୟାନ ଦ୍ରବ୍ୟର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ହୋଇପାରୁନି। ଫଳରେ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛି । ଫେବୃୟାରୀ ୬ ସୁଦ୍ଧା ସରକାର ଚାଷୀଙ୍କୁ ପେନସନ ବ୍ୟବସ୍ଥା ନ କଲେ ଆଗାମୀ ବିଧାନସଭା ଅଧିବେଶନ ସମୟରେ ଘେରାଉ କରାଯିବ। ତେଣୁ କନ୍ଧମାଳ ଜିଲାର ହଜାର ହଜାର ସଂଖ୍ୟାରେ ଚାଷୀ ଏଥିରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଆବାହକ ଭାସ୍କର ପ୍ରଧାନ, ସୁକାନ୍ତ କୁମାର ସାହୁ, ସନ୍ତୋଷ ପାତ୍ର, ଚାଣକ୍ୟ କହଁର, କୃଷ୍ଣ କହଁର, ଜଳନ୍ଧର କହଁର, ବିପିନି ବିହାରୀ ପାତ୍ର, ସନାତନ ପ୍ରଧାନ, ବାଲ୍ମିକୀ ମଲ୍ଲିକ, ଜନକ ମଲ୍ଲିକ ଓ ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା।୨୦ | Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୨୨/୨୦୧୯ | Berhampur, Tuesday, January 22/ 2019

## ସଂକ୍ଷେପରେ

### ୫ ବଖରା ଜଳିଗଲା, ଗୋରୁ ମୃତ

ବୁଗୁଡ଼ା,୨୧।୧(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତର ଗୁଡ଼ିସାହି ଓ ମଶାଣି ସାହିରେ ପୃଥକ୍ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ସହ ଗୋଟିଏ ଗୁହାଳ ଜଳିଯାଇଛି। ଗୁହାଳରେ ଥିବା ଗୋଟିଏ ଗୋରୁର ମୃତ୍ୟୁ ହୋଇଛି। ଉକ୍ତ ସାହିର ଅଭି ଗୌଡ଼ଙ୍କ ଗୁହାଳରେ ୨ ଗୋରୁ ଓ ଦୁଇ ଛେଳି ବନ୍ଧା ହୋଇଥିଲେ। କୌଣସି କାରଣରୁ ରବିବାର ରାତି ପ୍ରାୟ ୧୧ଟାରେ ଗୁହାଳରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଗୋଟିଏ ଗୋରୁ ଓ ୨ଟି ଛେଳିକୁ ଲୋକେ ଉଦ୍ଧାର କରିଛନ୍ତି। ସେହିପରି ମଶାଣି ସାହିରେ ସୋମବାର ଅପରାହ୍ଣ ବିଦ୍ୟୁତ୍ ସର୍ଟ୍‌ସର୍କିଟ ହୋଇ ଗୋପାଳ ଜାନୀ, ସଦାଶିବ ଜାନୀ, ବାସୁଦେବ ଜାନୀ, ସତ୍ୟଭାମା ଜାନୀ ଓ ସୁବାସ ଚନ୍ଦ୍ର ଜାନୀଙ୍କ ୫ ବଖରା ପୋଡ଼ିଯାଇଛି । ଜଗନ୍ନାଥପ୍ରସାଦ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ଉକ୍ତ ପରିବାରର ସମ୍ପତ୍ତି ନଷ୍ଟ ହୋଇଯାଇଛି । ଏ ନେଇ ବେଡ଼ାଖୋଲ ଗ୍ରାମବାସୀଙ୍କ ଦ୍ୱାରା ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି । ତହସିଲଦାର ସଂଗ୍ରାମ କେଶରୀ ଜେନା, ବି.କରଡ଼ାବାଡ଼ି ଆରଆଇ ସତ୍ୟ ନାରାୟଣ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଜେନ୍ଦ୍ର ସାମନ୍ତରା ପ୍ରମୁଖ ପହଞ୍ଚି ଲୋକଙ୍କୁ ପାଲ ଯୋଗାଇବା ସହ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

### ୧୦ ବଖରା ଜଳିଗଲା

ଭଞ୍ଜନଗର,୨୧।୧(ଡି.ଏନ.ଏ.)- ଭଞ୍ଜନଗର ତହସିଲ ଅନ୍ତର୍ଗତ ଭୁରୁଡପଲ୍ଲୀରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୯ ପରିବାରର ୧୦ ବଖରା ଜଳିଯାଇଛି। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## ■ ତୃତୀୟ ଦିନରେ ଲାଗିଲା ମାଓବାଦୀ ପୋଷ୍ଟର

# ପ୍ରତିରୋଧ ଦିବସ, ଭାରତ ବନ୍ଦ ସଫଳ ପାଇଁ ଆହ୍ୱାନ

ବାଲିଗୁଡା/ତୁମୁଡିବନ୍ଧ/(ଡି.ଏନ୍.ଏ.) ଫୁଲବାଣୀ ଅଫିସ ,୨୧।୧

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅଞ୍ଚଳରେ ଗତ ୩ ଦିନ ହେଲା ମାଓବାଦୀ ପୋଷ୍ଟର ମରାଯାଉଥିବାରୁ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି । ଶନିବାର ସୁଦ୍ରା ପଞ୍ଚାୟତରେ ମାଓବାଦୀ ପୋଷ୍ଟର ଲାଗିଥିବାବେଳେ ରବିବାର କୋଟଗଡ଼ ବ୍ଲକ ତଥା ଥାନା ଅନ୍ତର୍ଗତ ପକାରୀ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ଓ ସମିତି ସଭ୍ୟଙ୍କ ଘର ଆଗରେ ଧମକପୂର୍ଣ୍ଣ ପୋଷ୍ଟର ଲାଗିଥିଲା। ପୁଣି ସୋମବାର ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତର ସେସୋରଗାଁରେ ବିଭିନ୍ନ ସ୍ଥାନରେ ଏଭଳି ପୋଷ୍ଟର ଓ ବ୍ୟାନର ମରାଯାଇଥିବା ଦେଖିବାକୁ ମିଳିଥିଲା । ଉକ୍ତ ପୋଷ୍ଟରରେ ଫାଶିବାଦ ଦମନ ''ସମାଧାନ'' ଯୋଜନା ବିରୋଧରେ ଜାନୁୟାରୀ ୨୫ରୁ ୩୦ ପର୍ଯ୍ୟନ୍ତ ପ୍ରତିରୋଧ ଦିବସ ଓ ୩୧ ଭାରତ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ପ୍ରତିବିପ୍ଳବୀ ''ସମାଧାନ'' ରଣନୈତିକ ଆକ୍ରମଣକୁ ପରାସ୍ତ କରନ୍ତୁ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆଦିବାସୀ ଦଳିତ ସଂହାରକାରୀ କାର୍ଯ୍ୟ ବିରୋଧରେ ଏକ ହୁଅନ୍ତୁ, ନିଜ ଦେଶର ଲୋକଙ୍କ ଉପରେ ଦମନ ଚଳାଇଥିବା ଫାଶିବାଦୀ ସରକାର ମୁର୍ଦ୍ଦାବାଦ, ମାଓ ଅଞ୍ଚଳରୁ ସୁରକ୍ଷାବଳ ତୁରନ୍ତ ପ୍ରତ୍ୟାହାର କରନ୍ତୁ, ମାଓବାଦୀ ସମର୍ଥକ ନାମରେ କନ୍ଧମାଳ ଏସ୍.ପି. ଗିରଫ କରିଥିବା ୭ ନିରୀହ ଲୋକଙ୍କୁ ତୁରନ୍ତ ଖଲାସ କରନ୍ତୁ ବୋଲି ଉଲ୍ଲେଖ ରହିଛି। ବାଲିଗୁଡ଼ା ଉପଖଣ୍ଡ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗତ ୩ଦିନ ଧରି ଲଗାତର ମାଓବାଦୀ ପୋଷ୍ଟର ଓ ବ୍ୟାନର ମାରି ବିଭିନ୍ନ ଜନପ୍ରତିନିଧି ଠିକାଦାର, ସରକାର ଓ ପୋଲିସକୁ ଟାର୍ଗେଟ କରୁଛନ୍ତି। ଏନେଇ କନ୍ଧମାଳ ପୋଲିସ ତତ୍ପର ହୋଇଉଠିଛି। ପୋଲିସ ପୁରାପରି ପ୍ରସ୍ତୁତ ଅଛି ବୋଲି କନ୍ଧମାଳ ଏସ୍.ପି. ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏସବୁ ମାଓବାଦୀ ପୋଷ୍ଟର ନା ଅନ୍ୟକେହି ମାଓବାଦୀଙ୍କ ନାମରେ ପୋଷ୍ଟର ମାରୁଛି ଏହାକୁ ନେଇ ଅନୁଧ୍ୟାନ ଚାଲିଥିବା ଏସ୍.ପି. ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ପୋଷ୍ଟରର ତଳେ ଓଡ଼ିଶା ରାଜ୍ୟ କମିଟି, ଭାରତର କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ବୋଲି ଲେଖା ହୋଇଛି।



ରାସ୍ତା ପାର୍ଶ୍ୱ ଖୁଣ୍ଟରେ ବନ୍ଧାଯାଇଥିବା ବ୍ୟାନର।

### ୫ ବଖରା ଜଳିଗଲା

ବେଗୁନିଆପଡ଼ା,୨୧।୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକର କେ.ବରିଡ଼ା ପଞ୍ଚାୟତର ବି.ନୂଆଁପଲ୍ଲୀ ଗ୍ରାମରେ ସୋମବାର ବାଉଁଶ କୁମ୍ଭରୁ ନିଆଁ ଡ଼େଇଁ ୫ ଜଣଙ୍କ ପାଞ୍ଚ ବଖରା ଘର ଜଳିଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ଭାଗ୍ୟ ଦାସ, ଅନ୍ତର୍ଯ୍ୟାମୀ ଦାସ, ବିଜୟ ଦାସ, ଅଜୟ ଦାସ ଓ ରାଜୁ ଦାସ । ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କ୍ଷତିଗ୍ରସ୍ତଙ୍କ ଘର ଆଗରେ ଏକ ବାଉଁଶ କୁମ୍ଭ ରହିଛି। ଏଥିରେ କେହି ନିଆଁ ଲଗାଇବାରୁ ତାହା ପବନରେ ଉଡ଼ି ଆସି ଭାଗ୍ୟଙ୍କ ଘର ଉପରେ ପଡ଼ି ପାଞ୍ଚ ଜଣଙ୍କ ଘରେ ବ୍ୟାପିଯାଇଥିଲା । ଫଳରେ ଧାନବସ୍ତା ସହ ବହୁ ଆସବାବପତ୍ର ପୋଡ଼ିଯାଇଛି । କ୍ଷତିଗ୍ରସ୍ତମାନେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି ।

## ■ ଚାଷଜମିକୁ ନେଇ ଆକ୍ରମଣ-ପ୍ରତି ଆକ୍ରମଣ

# ୪ ମହିଳାଙ୍କ ସମେତ ୬ ଆହତ

ଦିଗପହଣ୍ଡି,୨୧।୧(ଡି.ଏନ.ଏ.)

ପାଟପୁର ଥାନା ହାଟପଦା ସାପୁଆବସା ଗ୍ରାମରେ ଚାଷଜମି ମାଲିକାନାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ସଂଘର୍ଷ ଘଟିଛି । ସୋମବାର ଅପରାହ୍ଣରେ ଆକ୍ରମଣ-ପ୍ରତି ଆକ୍ରମଣରେ ଉଭୟ ପରିବାରର ୪ରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଉଭୟ ପକ୍ଷଙ୍କ ଏତଲାକ୍ରମେ ପୋଲିସ ପକ୍ଷରୁ ପୃଥକ୍ ମାମଲା ରୁଜୁ ହୋଇଛି । ଗ୍ରାମର ଡି. ସୁଜାତା ତାଙ୍କ ଜମିରେ କାଲ ଗଛ ଲଗାଇଥିଲେ । ରାଜେନ୍ଦ୍ର ଦାସ ଓ ତାଙ୍କ ପରିବାର ଲୋକେ ଚାଷଜମିକୁ ଜବରଦସ୍ତ ଅକ୍ତିଆର କରି ଗଛ ଗୁଡ଼ିକୁ ନଷ୍ଟ କରି ଦେଇଥିଲେ । ଏ ନେଇ ସୁଜାତା ତାଙ୍କ ପଡ଼ୋଶୀ ଆମାଲୁ ଦାସଙ୍କୁ ପଚାରିବାରୁ ସେ ଓ ତାଙ୍କ ସମ୍ପର୍କୀୟ ସୁଜାତାଙ୍କୁ ଘୋଷାରି ନେଇ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ମାଡ଼ ମାରିଥିଲେ। ଘଟଣା ପ୍ରଚାରିତ ହେବା ପରେ ସୁଜାତାଙ୍କ ପରିବାର ପେଲାକେ ପାଲଟା ଆକ୍ରମଣ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

# ମହିଳା କଂଗ୍ରେସ ସମାବେଶ

ଆସିକା,୨୧।୧(ଡି.ଏନ୍.ଏ.)

ଆସିକା ଲକ୍ଷ୍ମୀବଜାର ସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ଗଞ୍ଜାମ ଜିଲା ମହିଳା କଂଗ୍ରେସ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ସୁଜ୍ଞାନୀ ପଟ୍ଟନାୟକ, ପ୍ରତିମା ମିଶ୍ର, ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଓ ରାଜ୍ୟର ନବୀନ ପଟ୍ଟନାୟକ ସରକାରଙ୍କ ମହିଳା ବିରୋଧୀ କାର୍ଯ୍ୟକ୍ରମ ନେଇ ସମାଲୋଚନା କରିଥିଲେ। ରାଜ୍ୟରେ ବଢି ଚାଲିଥିବା ବେରୋଜଗାରୀ, ଗାଁ ଗାଁରେ ଚୋରାମଦର ଅବାଧ କାରବାର, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳାମାନଙ୍କ ଉପରେ ଚାଲିଥିବା ନିର୍ଯାତନାରେ ପୂର୍ଣ୍ଣଚ୍ଛେଦ ପକାଇବା ଲାଗି ମହିଳାମାନେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା। କେନ୍ଦ୍ର ସରକାରର ମିଥ୍ୟା ପ୍ରଚାର ଏବଂ ରାଜ୍ୟ ସରକାରଙ୍କ ଦିନକୁ ଦିନ ନୂଆ ନୂଆ ଯୋଜନା ନାମରେ ଯେଉଁଭଳି ଜନସାଧାରଣଙ୍କୁ ସମସ୍ୟା ଭିତରକୁ ଠେଲି ଦିଆଯାଉଛି, ଜନସାଧାରଣ ସେଥିପ୍ରତି ସଜାଗ ରହି ଆସନ୍ତା ନିର୍ବାଚନରେ ଏହି ଦଳମାନଙ୍କୁ ଉଚିତ୍ ଶିକ୍ଷା ଦେବାଲାଗି ନିବେଦନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓମ୍‌ପ୍ରକାଶ ସାହୁ, ରାଜେଶ୍ୱରୀ ସୁବୁଦ୍ଧି, ଗୀତା ରାଓ, ବବି ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ସମେତ ବହୁ ମହିଳା ଏହି ସମାବେଶରେ ସାମିଲ ଥିଲେ।


ମଞ୍ଚାସିନ ଅତିଥି।

## ■ ମହିଳା ଡାକ୍ତରର ମୃତ୍ୟୁ ମାମଲା

# ସ୍ୱାମୀଙ୍କ ଆଗୁଆ ଜାମିନ ଆବେଦନ ଖାରଜ

ଛତ୍ରପୁର,୨୧।୧(ଡି.ଏନ.ଏ.)

ଛତ୍ରପୁର ବ୍ଲକ ସୁନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅର୍ଚ୍ଚନା ଦାଶଙ୍କ ମୃତଦେହ ୨୦୧୮ ଅଗଷ୍ଟ ୧୭ ତାରିଖରେ ସ୍ଥାନୀୟ ରେଲୱେ ଫାଟକ ନିକଟ ଧାରଣାରୁ ଉଦ୍ଧାର ହୋଇଥିଲା । ସେ ଆତ୍ମହତ୍ୟା କରିଥିଲେ । ଅର୍ଚ୍ଚନାଙ୍କୁ ତାଙ୍କ ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି ତାଙ୍କ ମା’ କୁସୁମପ୍ରଭା ମିଶ୍ରଙ୍କ ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ମୃତା ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ସମେତ ୮ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲେ । ଅପରପକ୍ଷରେ ଅର୍ଚ୍ଚନାଙ୍କ ସ୍ୱାମୀ ଅଞ୍ଜନ ଦାଶଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଖାରଜ କରିଦେଇଛନ୍ତି । ଦୀର୍ଘ ୫ ମାସ ହେଲା ଅଞ୍ଜନଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇପାରିନି । ଏନେଇ କୁସୁମ ପ୍ରଭା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଗଞ୍ଜାମ ଜିଲାପାଳ, ଏସ୍‌ପି ଓ ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଅନୁରୋଧ କରିଥିଲେ । ତଥାପି ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିନି । ମୃତା ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ଆଗୁଆ ଜାମିନ ଖାରଜ ହେବା ପରେ ତାଙ୍କୁ ତୁରନ୍ତ ଗିରଫ କରିବାକୁ କୁସୁମପ୍ରଭା ଦାବି କରିଛନ୍ତି । ପୂର୍ବରୁ ଏହି ମାମଲାରେ ମୃତା ଅର୍ଚ୍ଚନାଙ୍କ ଦେଢ଼ଶୁର, ଯାଆ, ଶାଶୁ ଓ ଶ୍ୱଶୁରଙ୍କୁ ହାଇକୋର୍ଟରୁ ଜାମିନ ମିଳିସାରିଛି । ମୃତା ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ଘରେ ପୋଲିସ ଲୁକ୍ ଆଉଟ୍ ନୋଟିସ୍ ମାରିବା ପାଇଁ କୁସୁମପ୍ରଭା ନିବେଦନ କରିଛନ୍ତି । ପୋଲିସ ଡିଜିଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବେ ବୋଲି ସେ କହିଛନ୍ତି। ଅପରପକ୍ଷରେ ଅଞ୍ଜନଙ୍କ ଏକ କାର୍‌କୁ ଛତ୍ରପୁର ପୋଲିସ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପରିସରରୁ ଜବତ କରିଥିଲା ।

# ମଦଦୋକାନ ଉଚ୍ଛେଦ ଦାବିକଲେ ମହିଳା


ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ମହିଳାମାନେ।

ଫୁଲବାଣୀ ଅଫିସ, ୨୧।୧

ଫୁଲବାଣୀ ସହର ପିଅନପଡାକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମଦ ଦୋକାନ ଉଚ୍ଛେଦ ଦାବି କରିଛନ୍ତି ପିଅନପଡାର ମହିଳାମାନେ । ସେମାନେ ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ମଦ ଦୋକାନ ଉଚ୍ଛେଦ କରା ନ ଗଲେ ମହିଳା ଓ କିଶୋରୀମାନେ ଅଧିକ ସମସ୍ୟାରେ ପଡିବା ସହ ହଇରାଣ ହେବେ ବୋଲି ଏଥିରେ ଦର୍ଶାଇଛନ୍ତି ।

ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଥିବାରୁ ଏଠାକାର ପରିବେଷ ଦିନକୁ ଦିନ ବିଗିଡିବାରେ ଲାଗିଛି । ଛୋଟ ପିଲା ଏବଂ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତିଦିନ ଏହି ରାସ୍ତା ଦେଇ ପିଲାମାନେ ସ୍କୁଲ, କଲେଜ, ଟ୍ୟୁସନ ଯିବା ଆସିବା କରୁଛନ୍ତି । ନିଶାସକ୍ତଙ୍କ ଉପଦ୍ରବ ଯୋଗୁ କେହି ସୁରକ୍ଷିତ ମଣୁ ନାହାନ୍ତି । ସେଠାରେ ମଦ୍ୟ ପାନ କରି ପାଟିତୁଣ୍ଡ, ମାରପିଟ୍ ହେବା ନିତିଦିନିଆ ଘଟଣା ହୋଇଗଲାଣି । ଏପରିକି ନିଶାସକ୍ତ ହୋଇ ଲୋକେ ଅଶ୍ଳୀଳ ଇଙ୍ଗୀତ କରିବାକୁ ପଛାଉ ନାହାନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳରେ ଥିବା ସାହିରେ ଅସନ୍ତୋଷର ବାତାବରଣ ବଢ଼ିବାରେ ଲାଗିଛି । ସେହିପରି ରାସ୍ତା ଉପରେ ଗାଡି ରଖୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ରାସ୍ତା ପାର୍ଶ୍ୱରେ ଥିବା ଦୁଇଟି ବଡ ପୋଖରୀ ପଲିଥିନ, ପ୍ଲାଷ୍ଟିକ ଗ୍ଲାସ ଏବଂ ମଦ ବୋତଲରେ ପ୍ରଦୂଷିତ ହୋଇଗଲାଣି । ତେଣୁ ଜିଲା ପ୍ରଶାସନ ସମସ୍ୟାର ତୁରନ୍ତ ସମାଧାନ କରୁ ବୋଲି ପିଅନପଡାର ସ୍ମିତାରାଣୀ ମହାନ୍ତି, ପ୍ରତିମା ତରାଇ, କାମେଶ୍ୱରୀ ପାତ୍ର, ଲକ୍ଷ୍ମୀ ନାୟକ ଓ ରୀନା ବେହେରା ପ୍ରମୁଖ ପ୍ରକାଶ କରଛନ୍ତି ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ।